
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୭ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 JULY 2025
Vol.No. 36 ■ No.178 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ମହଣ ମହଣ ସୁନାରେ ଝଟକିଲେ ଚତୁର୍ଦ୍ଧାମୂରତି: ସୁନାବେଶରେ ଭକ୍ତଙ୍କୁ ଦେଲେ ଦର୍ଶନ





ପୁରୀ, ୦୬/୭ (ନି.ପ୍ର): ସୁନାବେଶରେ ମହଣ ମହଣ ସୁନାରେ ସୁଶୋଭିତ ହୋଇ ଝଟକୁଛନ୍ତି ରଥାରୁଢ଼ ଚତୁର୍ଦ୍ଧା ମୂରତି। ସୁବର୍ଣ୍ଣ ଆଭୂଷଣରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁନାବେଶକୁ ରାଜାଧିରାଜ ବେଶ ବା ରାଜା ବେଶ ଓ ରାଜରାଜେଶ୍ୱର ବେଶ ବୋଲି ମଧ୍ୟ କୁହାଯାଏ । ଶୃଙ୍ଗାର ପ୍ରିୟ ଠାକୁରଙ୍କର ୨୪ ବେଶ ମଧ୍ୟରୁ ଶ୍ରୀମନ୍ଦିରରେ ୨୨ବେଶ ହୋଇଥାଏ। ମହାପ୍ରଭୁଙ୍କ ସୁନା ବେଶ ଦେଖିବା ପାଇଁ ରବିବାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଲାଗି ରହିଛି। ରାତ୍ର ୧୧ଟା ପର୍ଯ୍ୟନ୍ତ ଭକ୍ତ ମାନେ ମହାପ୍ରଭୁଙ୍କ ସୁନାବେଶ ଦେଖିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସକାଳୁ ତିନି ରଥ ଉପରେ ଦୈନନ୍ଦିନ ନୀତି କରାଯାଇ ମଧାହ୍ନ ଧୂପ ଓ ମଇଲମ ନୀତି ପରେ ମହଣ ମହଣ ସୁନାରେ ବିଭୂଷିତ ହୋଇଛନ୍ତି ଶ୍ରୀଜିଉ। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ସୁନାବେଶ ଦେଖିବା ପାଇଁ ଆଜି ସକାଳୁ ସକାଳୁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇ ଉଠିଛି। ରଥ ଉପରେ ଅନ୍ୟାନ୍ୟ ନୀତି ମଧାହ୍ନ ଧୂପ, ମଇଲମ ପରେ ଅପରାହ୍ନରେ ମେକାପ ସର୍ବାଙ୍ଗ ନୀତି ସମ୍ପର୍ଣ୍ଣ ହେବା ପରେ ମହାପ୍ରଭୁଙ୍କୁ ସନ୍ଧ୍ୟା ୫ଟାରୁ ୬ଟା ଭିତରେ ସୁନାବେଶରେ ସଜ୍ଜିତ କରାଯାଇଛି। ଭକ୍ତ ମାନେ ସନ୍ଧ୍ୟା ୬ଟାରୁ ମହାପ୍ରଭୁଙ୍କ ଏହି ସୁନାବେଶ ଦର୍ଶନ କରୁଛନ୍ତି। ସୁନାବେଶରେ ଥାଇ ରାତ୍ର ୮ଟାରୁ ୯ଟା ମଧ୍ୟରେ ଠାକୁରଙ୍କ ସନ୍ଧ୍ୟା ଧୂପ ଅନୁଷ୍ଠିତ ହେବ । ରାତ୍ର ୧୧ଟା ପର୍ଯ୍ୟନ୍ତ ସୁନା ବେଶ ମଇଲମ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମୟ ସ୍ଥିର କରାଯାଇଛି। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ ହେବ। ଠାକୁରମାନଙ୍କର ଏହି ଦୁର୍ଲ୍ଲଭ ବେଶ ଜନସାଧାରଣ ଯେପରି ସୁବିଧାରେ ଦର୍ଶନ କରିପାରିବେ ସେନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଦାରୁଦିଅଁଙ୍କ ସମ୍ମୁଖରେ ସେବକ ଦଣ୍ଡାୟମାନ ହୋଇ ଦର୍ଶନ ଅବରୋଧ ନ କରିବାକୁ ପରାମର୍ଶ ଦିଆଯାଇଛି । ▶▶ପୃଷ୍ଠା ୭

# ରାଜ୍ୟ ବିଜେପି ସଭାପତି ପାଇଁ ବିଜ୍ଞପ୍ତି: ଆଜି ନାମାଙ୍କନ




ଭୁବନେଶ୍ୱର, ୦୬/୭ (ନି.ପ୍ର): ବିଜେପି ରାଜ୍ୟ ସଭାପତି ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି। ଆସନ୍ତାକାଲି ନାମାଙ୍କନର ଦିନ। ଆବଶ୍ୟକ ପଡ଼ିଲେ ୮ ତାରିଖରେ ହେବ ନିର୍ବାଚନ। କାଲିର ନାମାଙ୍କନ ପରେ ନିର୍ବାଚନ ନା ସହମତିରେ ସଭାପତି ସ୍ପଷ୍ଟ ହେବ। ଏଥିପାଇଁ ଆଜି ବିଜେପି ରାଜ୍ୟ ପ୍ରଭାରୀ ବିଜୟ ସିଂପାଲ ତୋମାର ଓଡ଼ିଶାରେ ପହଂଚିଛନ୍ତି। ଆସନ୍ତାକାଲି ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଜସ୍ୱପଲ୍ ସିଂ ଓଡ଼ିଶା ଆସିବେ। ତେବେ ଗ୍ରାଉଣ୍ଡ ଜିରୋରେ ସବୁ ନେତାଙ୍କୁ ସାଙ୍ଗରେ ନେଇ ଚାଲିବା ଏବଂ ମ୍ୟାନେଜ୍ କରିବାର ଦକ୍ଷତା ଥିବା ନେତାଙ୍କୁ ମିଳିପାରେ ଗୁରୁତ୍ୱ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଯିଏବି ସଭାପତି ହେବେ ତାଙ୍କ ପାଇଁ ଏହା ହେବ ବଡ଼ ଚ୍ୟାଲେଞ୍ଜ। ଏବେବି ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ବିଜେଡି ସକ୍ରିୟ ଥିବାରୁ ଏହାକୁ ବିଚାରକୁ ନେଇ ଦଳ ସଭାପତି ଚୟନ କରିପାରେ। ରେସ୍ ଆଗରେ ରହିଛନ୍ତି ବର୍ତ୍ତମାନର ସଭାପତି ମନମୋହନ ସାମଲ। କାରଣ, ଗ୍ରାଉଣ୍ଡ ଜିରୋରେ ସବୁ ସ୍ତରରେ ନେତାଙ୍କୁ ନେଇ ଚାଲିବାର ଦକ୍ଷତା ମନମୋହନଙ୍କର ରହିଛି। ଗତ ନିର୍ବାଚନରେ ତାଙ୍କ ମ୍ୟାନେଜମେଣ୍ଟ ପାଇଁ ଦଳ ▶▶ପୃଷ୍ଠା ୭

# ଜଗାଙ୍କ ସପକ୍ଷରେ ବାହାରି ବିଜେଡି ଉପରେ ବର୍ଷିଲେ ଜୟନାରାୟଣ



ଭୁବନେଶ୍ୱର, ୦୬/୭ (ନି.ପ୍ର): ଜଗନ୍ନାଥ ପ୍ରଧାନଙ୍କ ସପକ୍ଷରେ ବାହାରିଲେ ବରିଷ୍ଠ ନେତା ଜୟନାରାୟଣ ମିଶ୍ର । ଜଗାଙ୍କ ଗିରଫଦାରିକୁ ନାପସନ୍ଦ କରି ଓଏଏସ ଅଫିସରଙ୍କୁ ଟାର୍ଗେଟ୍ କରିଛନ୍ତି ଜୟ ନାରାୟଣ । କହିଛନ୍ତି, ଓଏଏସ ଅଫିସରଙ୍କ ବିଜେଡି ହ୍ୟାଙ୍ଗଓଭର ଯାଇନି । ରାଜ୍ୟରେ ଗୋଟିଏ ପଟେ ବନ୍ୟା ସ୍ଥିତି ଏବଂ ରଥଯାତ୍ରା ଅଘଟଣ ବେଳେ ଧର୍ମଘଟ କରିବା ଏସବୁକୁ ଇଙ୍ଗିତ କରୁଛି । କୋର୍ଟ ଗାଇଡଲାଇନ୍ ନମାନି ଯେଉଁ ନାଟକ କଲେ ସେଥିରୁ ହିଁ ଜଣାପଡୁଛି ବିଜେଡି ହ୍ୟାଙ୍ଗଓଭର ଯାଇନି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ▶▶ପୃଷ୍ଠା ୭

# ଆମ ସରକାରରେ ଯିଏ ଦୋଷ କରିବ ଦଣ୍ଡ ନିଶ୍ଚିତ ପାଇବ: ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୦୬/୭ (ନି.ପ୍ର): ଯାଜପୁର ବ୍ୟାସନଗର ପୌରପାଳିକାରେ ସପ୍ତାହେ ତଳେ ନିର୍ବାହୀ ଅଧିକାରୀ (ଓଆରଏସ୍)ଙ୍କୁ ତାଙ୍କ କାର୍ଯ୍ୟାଳୟରେ ବନ୍ଦ କରି ୮ ଘଣ୍ଟା ଧରି ଅଟକ ରଖିଥିଲେ ବିଜେଡି ନେତା। ଆଉ ବ୍ୟାସନଗର ପ୍ରସଙ୍ଗରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ଆମ ସରକାରରେ ଯିଏ ଦୋଷ କରିବ ଦଣ୍ଡ ନିଶ୍ଚିତ ପାଇବ। ଯିଏ ମଧ୍ୟ ସେ ଭଳି ଅନୈତିକ କାମ କରିଛନ୍ତି ତାଙ୍କୁ ନିଶ୍ଚିତ ଭାବେ ଦଣ୍ଡ ମିଳିବ। ସରକାରଙ୍କ ତରଫରୁ ସେ କଥା ଆମେ ରାଜ୍ୟବାସୀଙ୍କୁ ଆଶ୍ୱସନା ଦେଉଛୁ। ଅନ୍ୟପଟେ ଓଆରଏସ ସଂଘ ସଭାପତି କନିସ୍କ ବୋଧସତ୍ତ୍ୱ ଦାସ କହିଛନ୍ତି ଯେ ବ୍ୟାସନଗର ଘଟଣାକୁ ମୁଁ ନିନ୍ଦା କରୁଛି। ଏ ଘଟଣା ବାବଦରେ ମୁଁ ସ୍ଥାନୀୟ ଜିଲାପାଳ ଓ ଏସପିଙ୍କ ସହ କଥା ହୋଇଛି। ସେମାନେ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ନ ହେଲେ ସଙ୍ଘ ଏହାର ବିକଳ୍ପ ଚିନ୍ତା କରିବ। ଉଲ୍ଲେଖ ଥାଉ କି ଯାଜପୁର ବ୍ୟାସନଗର ପୌରପାଳିକାରେ ସପ୍ତାହେ ତଳେ ▶▶ପୃଷ୍ଠା ୭

# ନିଷ୍କାସନ ହେଲା ହୀରାକୁଦର ପ୍ରଥମ ବନ୍ୟାଜଳ



ସମ୍ବଲପୁର, ୦୬/୭ (ନି.ପ୍ର): ଆଜି ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୭ ନମ୍ବର ଗେଟ ଖୋଲାଯାଇଥିବାବେଳେ ଏହାପରେ ୧୨ଟି ଗେଟ୍ ଖୋଲାଯିବ ବୋଲି ସୂଚନା ମିଳିଛି। ହୀରାକୁଦ ବନ୍ଧ ନିୟନ୍ତ୍ରଣକକ୍ଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୯.୫୪ ଫୁଟ୍ ରହିଥିଲା। ଏହି ସମୟରେ ଜଳଭଣ୍ଡାରକୁ ୧,୩୦,୦୨୮ କ୍ୟୁସେକ୍ ପ୍ରବେଶ କରୁଥିବା ବେଳେ ସର୍ବମୋଟ ୩୮୧୬୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା। ସେଥିରୁ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ପାୱାର ଚାନେଲ ଦେଇ ୩୪,୩୧୩ କ୍ୟୁସେକ୍ ଓ ଜଳସେଚନ ପାଇଁ ୩୨୨୩ କ୍ୟୁସେକ୍ ପାଣି ଛଡ଼ାଯାଇଥିବା ବେଳେ ଶିଳ୍ପାନୁଷ୍ଠାନଗୁଡ଼ିକ ୨୩୪ କ୍ୟୁସେକ୍ ପାଣି ଟାଣୁଛନ୍ତି। ଜଳସେଚନ ପାଇଁ ବରଗଡ଼ ମୁଖ୍ୟ କେନାଲରେ ୨୭୫୫ କ୍ୟୁସେକ୍, ଶାସନ ମୁଖ୍ୟ କେନାଲରେ ୪୦୦ କ୍ୟୁସେକ୍ ଏବଂ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିରେ ୬୮ କ୍ୟୁସେକ୍ ପାଣି ଛଡ଼ାଯାଉଛି। ବର୍ଷା ଯୋଗୁଁ ମହାନଦୀ ଫୁଲିବାରେ ଲାଗିଥିବା ବେଳେ ଛତିଶଗଡ଼ ସରକାର ଗତ ଗୁରୁବାର ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ଥିବା କଲ୍‌ମା ବ୍ୟାରେଜର ୪୬ଟି ଗେଟ୍ ଖୋଲିଥିଲେ। ପରବର୍ତ୍ତୀ ସମୟରେ ବାକି ଗେଟ୍‌ଗୁଡ଼ିକ ଖୋଲିଯିବା ପରେ ମହାନଦୀରେ ଜଳପ୍ରବାହ ବଢ଼ିଛି। ଗତବର୍ଷ ୨୮ ଜୁଲାଇରେ ହୀରାକୁଦ ଜଳଭଣ୍ଡାରରୁ ସେହି ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ସେହି ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୨୯ ଫୁଟ ରହିଥିଲା। ବନ୍ୟାଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରର ତଳମୁଣ୍ଡରେ ମହାନଦୀ ତଥା ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ମହାନଦୀ ଅବବାହିକାର ମୁଖ୍ୟଯନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ରାଜଧାନୀରେ ନକଲି ବିଏମସି ସ୍କ୍ୱାର୍ଡ

ଭୁବନେଶ୍ୱର, ୦୬/୭ (ନି.ପ୍ର): ରାଜଧାନୀରେ ବୁଲୁଛନ୍ତି ମାଲ ମାଲ ନକଲି ବିଏମସି ସ୍କ୍ୱାର୍ଡ। ବ୍ୟବସାୟୀଙ୍କୁ ବିଏମସି ଅନୁଦାନର ପ୍ରଲୋଭନ ଦେଖାଇ ନେଉଛନ୍ତି ଟଙ୍କା । ଉଠା ବ୍ୟବସାୟୀଙ୍କୁ ଏକ ଲକ୍ଷ ୮୨ ହଜାର ଟଙ୍କା ଦେବାକୁ କହି ନେଇଛନ୍ତି ୬୫୦ ଟଙ୍କା । ଖାରବେଳ ନଗର ଥାନାରେ ଅଭିଯୋଗ ଆଣିଛନ୍ତି ଉଠା ବ୍ୟବସାୟୀ । ପ୍ରଦୀପ୍ତ ସାବତ ନାମକ ବ୍ୟବସାୟୀ ଜଣଙ୍କୁ ବିଏମସି ପରିଚୟ ପତ୍ର ଦେଖାଇଥିଲେ । ଏହାପରେ ବିଶ୍ୱାସ ଦେବା ପରେ ବ୍ୟବସାୟୀ ଜଣଙ୍କ ଫସି ଯାଇଥିଲେ। ତେବେ ଏହି ଘଟଣା ଜଣାପଡିବା ପରେ ନିଖିଳ ଓଡ଼ିଶା ରସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘ ପକ୍ଷରୁ ଖାରବେଳ ନଗର ଥାନାରେ ବ୍ୟବସାୟୀ ମାନଙ୍କୁ ଧରି ଅଭିଯୋଗ ପତ୍ର ଦେଇଛନ୍ତି ପ୍ରଦୀପ୍ତ।

# ସ୍ମାର୍ଟ ସହର ପାଲଟିଲାଣି ଡେଙ୍ଗୁଙ୍କ ଘର: ଶୋଇଛି ବିଏମସି

ଭୁବନେଶ୍ୱର, ୦୬/୭ (ନି.ପ୍ର): ଭୁବନେଶ୍ୱର ନା ଡେଙ୍ଗୁଙ୍କ ଘର ? ଦେଶ ଦୁନିଆ ଯେତେ ସ୍ମାର୍ଟ ହେଉ ପଛେ କିନ୍ତୁ ଆମ ରାଜଧାନୀ ଭୁବନେଶ୍ୱର ଏବେ ନାମକୁ ମାତ୍ର ସ୍ମାର୍ଟ । ଏ କଥା ଆମେ କହୁନୁ, ବିଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷା ଭୁବନେଶ୍ୱରର ଭିତିରି ଚିତ୍ରକୁ ପୂରା ଗାଁ ଦାଣ୍ଡରେ ଆଣି ଦେଖାଇଛି । ଲୋକେ ଏ ଭିଡ଼ର ସହରକୁ ଭୋକ ମାରିବାକୁ ଆସିବା ପାଇଁ ଭାବୁଥିବାବେଳେ ଅସରାଏ ବର୍ଷା ତାଙ୍କ ସବୁ ସ୍ୱପ୍ନକୁ ପାଣିପାଣି କରିଦେଉଛି । ସ୍ୱପ୍ନର ସହର, ଜୀବନ-ଜୀବିକାର ସହର ଭୁବନେଶ୍ୱର ଏବେ 'ଭୁ-ଜଳେଶ୍ୱର'ର ରୂପ ନେଉଥିବା ଦେଖୁଛନ୍ତି ଓଡ଼ିଶାବାସୀ । ସ୍ମାର୍ଟସିଟିର ବିଭିନ୍ନ ସ୍ମାର୍ଟ କଲୋନି କେଇ ମିନିଟର ବର୍ଷାରେ ପୂରା ବେହାଲ ହୋଇପଡୁଛି । ଯାହା ଫଳରେ ଫ୍ଲାଟ୍, ପାର୍କିଂ ଏରିଆ ସବୁ କିଛି କାଦୁଅ ବାଲି ମିଶା ପାଣିରେ ଉବୁଟୁବୁ ହେଉଛି । ଏପରିକି ବିଏମସିର ଉତ୍ତମ ଏବଂ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଚକ୍ ଚକ୍ କରୁଥିବା ରାସ୍ତାଘାଟ ସବୁ ଅସରାଏ ବର୍ଷାରେ ଆଉ ନଜର ହିଁ ଆସୁନି । ବିଭିନ୍ନ କଲୋନିର ରାସ୍ତାଗୁଡ଼ିକ ଖାଲି କୃତ୍ରିମ କେନାଲ ଭଳି ଦିଶୁଛି । ▶▶ପୃଷ୍ଠା ୭

# ମସୁଦ ଓ ଆଝାରକୁ ପ୍ରତ୍ୟର୍ପଣ କରିବ ପାକ୍: ବଡ଼ ବୟାନ ଦେଲେ ବିଲାୱଲ୍



ନୂଆଦିଲ୍ଲୀ, ୦୬/୭ : ଭାରତର ଦୁଇ ମୋଷ୍ଟ୍ ୱାଣ୍ଟେଡ ପାକ୍ ଆତଙ୍କବାଦୀ ହାଫିଜ ସୟିଦ ଓ ମସୁଦ ଆଝାରକୁ ନେଇ ବଡ଼ ବୟାନ ଦେଇଛନ୍ତି ପାକିସ୍ତାନର ପୂର୍ବତନ ମନ୍ତ୍ରୀ । ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦାରୀ କହିଛନ୍ତି ଯେ ଯଦି ନୂଆଦିଲ୍ଲୀ ବିଶ୍ୱାସ ସୃଷ୍ଟିକାରୀ ପ୍ରକ୍ରିୟାରେ ସହଯୋଗ କରିବାକୁ ପ୍ରସ୍ତୁତ ହୁଏ ତେବେ ଆମେ ଭାରତର ତଦନ୍ତ ପ୍ରକ୍ରିୟା ପାଇଁ ଆବଶ୍ୟକ ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟର୍ପଣ କରିବାକୁ ପ୍ରସ୍ତୁତ ଅଛୁ । ବିଲାୱଲ ଶୁକ୍ରବାର ଅଲ୍‌ଜଜିରା ନାମକ ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ଏକ ସାକ୍ଷାତକାରରେ ଏହି ମନ୍ତବ୍ୟ ଦେଇଛନ୍ତି । ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ ସୟିଦ ଏବଂ ଜୈସ-ଏ-ମହମ୍ମଦ ମୁଖ୍ୟ ମସୁଦ ଆଝାରକୁ ସମ୍ଭାବ୍ୟ ବୁଝାମଣା ଓ ବିଶ୍ୱାସ ସୃଷ୍ଟିକାରୀ ପ୍ରୟାସ ଦୃଷ୍ଟିରୁ ଭାରତ ପ୍ରତ୍ୟର୍ପଣ ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ବିଲ୍ୱାଲ ଏହି ମନ୍ତବ୍ୟ ଦେଇଛନ୍ତି । ବିଲାୱଲ କହିଛନ୍ତି, ପାକିସ୍ତାନ ସହ ଭାରତର ବିସ୍ତୃତ ଆଲୋଚନାର ଏକ ଅଂଶ ଭାବରେ ହାଫିଜ ସୟିଦ ଓ ମସୁଦ ଆଝାରର ପ୍ରତ୍ୟର୍ପଣ ପାଇଁ ପାକିସ୍ତାନ ପଛଘୁଞ୍ଚା ଦେବନାହିଁ । ଜାତୀୟ ଆତଙ୍କବାଦ ନିରୋଧୀ ପ୍ରାଧିକରଣ(ନାକ୍ଟା) ଅନୁଯାୟୀ, ଉଭୟ ଲସ୍କର ଓ ଜୈସ-ଏ-ମହମ୍ମଦକୁ ପାକିସ୍ତାନ ନିଷିଦ୍ଧ କରିଥିବା ବେଳେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସୟିଦ ଏବେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ୩୩ ବର୍ଷ ଜେଲ୍ ଦଣ୍ଡ ଭୋଗୁଛି । ସେହିପରି ଜାତିସଂଘ ଦ୍ୱାରା ବିଶ୍ୱ ଆତଙ୍କବାଦୀ ଘୋଷଣା ହୋଇଥିବା ଆଝାରକୁ ନାକ୍ଟା ମଧ୍ୟ ନିଷିଦ୍ଧ କରିଛି । ବିଲାୱଲ କହିଛନ୍ତି ଯେ, ▶▶ପୃଷ୍ଠା ୭

# ଲଘୁଚାପ କ୍ଷେତ୍ର ସୃଷ୍ଟି

ଭୁବନେଶ୍ୱର, ୦୬/୭ (ନି.ପ୍ର): ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ତତସଂଲଗ୍ନ ଉତ୍ତର ଓଡ଼ିଶା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ସମ୍ବନ୍ଧିତ ଘୂର୍ଣ୍ଣିବଳୟ ପରିଚଳନ ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଦିଗରେ ହାରାହାରି ସମୁଦ୍ର ପତନ ଠାରୁ ୭.୬ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଛି । ଏହା ଧିରେ ଧିରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨-୩ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଅତିକ୍ରମ କରିବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଟ୍ରମ୍ପଙ୍କୁ ଟକ୍କର ଦେବେ ମସ୍କ : ଗଠନ କଲେ ନୂଆ ରାଜନୈତିକ ଦଳ



ନୂଆଦିଲ୍ଲୀ,୦୭/୭ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଶିଳ୍ପପତି ଏଲନ ମସ୍କଙ୍କ ଭିତରେ ବିବାଦ ନୂଆ ମୋଡ଼ ନେଇଛି । ରାଜନୈତିକ ଦଳ ଗଠନ ନେଇ ଏଲନ ମସ୍କଙ୍କ ବଡ଼ ଘୋଷଣା । ଶିଳ୍ପପତି ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଥିବା ଏଲନ ମସ୍କ 'ଆମେରିକା ପାର୍ଟି'ନାଁରେ ରାଜନୈତିକ ଦଳ ଗଠନ ନେଇ ଘୋଷଣା କରିଛନ୍ତି । ଏହାସହ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ▶▶ପୃଷ୍ଠା ୭

# ଦୁର୍ଗମ ଅଂଚଳ ଚାଂଚଡାପଦର ଗାଁରେ ପହଂଚି ପାରିଲାନି ବିକାଶ

ଜୟପୁର, ୦୬/୦୭ (ନି.ପ୍ର): ଆଜି ବି ଦୁର୍ଗମ ଅଂଚଳରେ ପହଂଚି ପାରିଲାନି ରାସ୍ତା । ଯଦ୍ୱାରା ବଦଳି ପାରିଲାନି ପାହାଡିଆ ଗାଁ ର ନକ୍ସା। ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ବାଣ୍ଡିଗୁଡା ପଂଚାୟତ ଅନ୍ତର୍ଗତ ଚାଂଚଡାପଦର ଗାଁର ଦୁର୍ଗମ ଅଂଚଳରେ ପହଂଚି ପାରିଲାନି ବିକାଶ ଓ ଆଜିବି ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ନା ପାନୀୟ ଜଳର ସୁବିଧା ହେଇଛି । ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ । ବାଧ ହୋଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେସବୁକୁ ଅନ୍ୟ ଗାଁ ରେ ବିକ୍ରିକରି ସେଥିରୁ ନିଜର ଗୁଜୁରାଣ ମେଂଟାନ୍ତି ଗ୍ରାମବାସୀ । କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ, ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି । ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଂଚଳରେ ଅପହଂଚ । ଏଭଳି ଗାଁ ହେଉଛି ବୋରିଗୁମ୍ମା ବ୍ଲକର ଚାଂଚଡାପଦର ଗାଁ । ପଂଚାୟତ ସଦର ମହକୁମା ଠାରୁ ୮ କି.ମି. ଦୂରରେ ଅବସ୍ଥାପିତ ଏହି ଗାଁ । ଗାଁ କୁ ଯିବାକୁ ହେଲେ ମାଳିଗୁଡା ଠାରୁ ୩ କିଲୋମିଟର ଘଂଚ ଜଙ୍ଗଲ ମଝିରେ ଅଙ୍କାବଙ୍କା ସଂକୀର୍ଣ୍ଣ ରାସ୍ତା ଦେଇ ଗଲେ ପଡେ ଏହି ଗାଁ । ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇପାରିନି । ଗାଁ ରେ ୫୦ ପରିବାର ୩୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ବସବାସ କରନ୍ତି । ଜଙ୍ଗଲ ମଧରେ ସଂକୀର୍ଣ୍ଣ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧମ । ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଂଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି । ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଲାଗିଥିବା ଟେଙ୍କ ଫାଟି ପଡିଛି । ଫଳରେ ପାଣି ପାଇଁ ମାଇଲ ମାଇଲ ବାଟ ଚାଲିଛନ୍ତି ମହିଳା ମାନେ । ବହୁବର୍ଷ ତଳର ଏକ ନଳକୂପ ରହିଛି, ହେଲେ ସେଥିରୁ ପାଣି ବାହାରୁନି । ଗାଁ ଲୋକଙ୍କ ତୃଷ୍ଣା ମେଣ୍ଟାଉଥିବା ଏକମାତ୍ର କୂପ ଖରାଦିନ ହେଲେ ସେହି କୂଅ ପାଣି ବି ସୁଖି ଯାଉଛି । ଗାଁ ରେ କେବଳ ୧୨ଟି ପରିବାରଙ୍କୁ ହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ସେ ସବୁ ଘର ବି ଅଧପନ୍ତରିଆ ଅବସ୍ଥାରେ ପଡିଛି । ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁନି । ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ୪ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ମାଳିଗୁଡା ପର୍ଯ୍ୟନ୍ତ ଆଣିଲେ ସେଠାରୁ ଆମ୍ବୁଲାନ୍ସରେ ମେଡ଼ିକାଲ ଯାଆନ୍ତି । ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ । ଗାଁ କୁ ରାସ୍ତା ସଂଯୋଗ କରିବା ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରିବା ପାଇଁ ଗ୍ରାମବାସୀ ବିଶ୍ୱନାଥ ମୁଦୁଲି, କମଳା ମୁଦୁଲି ଦାବି କରିଛନ୍ତି । ଚାଂଚଡାପଦର ଗାଁକୁ ରାସ୍ତା, ସଂଯୋଗ ହୋଇନଥିବାରୁ ଏଠି ସରକାରୀ ଯୋଜନା ପହଂଚି ପାରୁନି । ଅନେକ ଗରିବ ଆଦିବାସୀ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇପାରୁ ନାହାନ୍ତି । ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ବି ପଡୁନି ଏହି ଗାଁ ରେ । ଏସବୁ ସମସ୍ୟାକୁ ନେଇ ପ୍ରଶାସନକୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ବାଣପୁର ବଙ୍କାଡ଼ଗଡ଼ର ସ୍ୱପ୍ନେଶ୍ୱର ମନ୍ଦିରକୁ ସୁରକ୍ଷିତ ସ୍ମାରକ ଭାବେ ଘୋଷଣା କଲେ କେନ୍ଦ୍ର ସରକାର

ଖୋର୍ଦ୍ଧା, ୦୬/୦୭ (ନି.ପ୍ର): ଦୀର୍ଘଦିନ ଅପେକ୍ଷାରେ ଅନ୍ତ ଘଟିଛି । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅନ୍ତର୍ଗତ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗ(ଏଏସଆଇ) ପକ୍ଷରୁ ବାଣପୁର ବଙ୍କାଡ଼ଗଡ଼ର ପ୍ରଭୁ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରକୁ "ସୁରକ୍ଷିତ ସ୍ମାରକ" ଭାବରେ ଘୋଷଣା କରାଯାଇଛି । ଏନେଇ ଚିଲିକା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଶ୍ରୀ ହରିଚନ୍ଦନ ସୋସିଆଲ ମିଡିଆରେ ଏହାର ସୂଚନା ଦେଇଛନ୍ତି । ଯାହାକୁ ନେଇ ଅଂଚଳବାସୀଙ୍କ ଖୁସିରେ ଲହରୀ ଖେଳିଯାଇଛି ।ଆଇନ ମନ୍ତ୍ରୀ ଲେଖିଛନ୍ତି ଯେ, "ମୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ ବୀର ଐତିହାସିକ ବାଣପୁର ମାଟିର ଗାରିମା କୀର୍ତିରାଜି ଆଜିକାଲିର ନୁହେଁ, ଏହାର ଇତିହାସ କିମ୍ବଦନ୍ତୀ ସର୍ବ ପୁରାତନ। ଏହାର ଅନେକ ଉଦାହରଣ ରହିଛି ଆମ ଇତିହାସରେ। ଇତିମଧ୍ୟରୁ ଖ୍ରୀଷ୍ଟାବ୍ଦ ୬ଷ୍ଠ ଓ ୮ମ ଶତାବ୍ଦୀ ସମୟର ଶୈଳୋଦ୍ଭବ ରାଜବଂଶର ରାଜଧାନୀ ଥିବା ବଙ୍କାଡ ଗଡ ଯାହାକି ରହିଅଛି ଆଜିର ଆଧୁନିକ ବାଣପୁର ପଂଚାୟତ ସମିତି ଅନ୍ତର୍ଗତ ଦୁର୍ଭେଦ୍ୟ ଅପନ୍ତରା ସବୁଜିମା ଭରା ଜଙ୍ଗଲ ମଧ୍ୟରେ ବନବାସୀ ଅଧ୍ୟୁଷିତ ଅଂଚଳ ନିଳାଦ୍ରୀପ୍ରସାଦ ଗ୍ରାମରେ। ତତ୍କାଳୀନ ଉତ୍କଳୀୟ କଳା ଭାସ୍କର୍ଯ୍ୟର ପରାକାଷ୍ଠାର ପରିପକ୍ୱତା ସିଦ୍ଧ କରିବା ନିମିତ ତତ୍କାଳୀନ ରାଜା ମହାରାଜା ମାନେ ସମଗ୍ର ସାମ୍ରାଜ୍ୟରେ ଅନେକ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ମନ୍ଦିର ନିର୍ମାଣ କରାଇଥିଲେ। ଏଥିମଧ୍ୟରୁ ଅନ୍ୟତମ ହେଉଛି ଆଶ୍ଚର୍ଯ୍ୟ କିର୍ତିରାଜି "ବଙ୍କାଡ଼ଗଡ଼ର ପ୍ରଭୁ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର"। ଶ୍ରୀ ହରିଚନ୍ଦନ ଆହୁରୀ ଲେହିଛନ୍ତି ଯେ, "ଏହି ଐତିହାସିକ ସ୍ୱପ୍ନେଶ୍ୱର ମନ୍ଦିରକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅନ୍ତର୍ଗତ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗ(ଏଏସଆଇ) ପକ୍ଷରୁ "ସୁରକ୍ଷିତ ସ୍ମାରକ" ଭାବରେ ଘୋଷଣା କରାଯାଇଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ, ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖୱାତ୍ ଓ ପୂର୍ବତନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଶାନ ରେଡ୍ଡୀ ଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ୍ ଅର୍ପଣ କରୁଛି ।"ଏହି ଘୋଷଣା ଓଡ଼ିଆ ଅସ୍ମିତା ଓ ପୁରାତନ ଐତିହ୍ୟ କୀର୍ତିରାଜିର ରକ୍ଷା କରିବା ପାଇଁ ସୂଚିତ କରୁଅଛି। ଏହି ମନ୍ଦିର ସ୍ଥାନୀୟ ଅଂଚଳରେ ଆଧାତ୍ମିକ ଚେତନା ଜାଗ୍ରତ କରିବା ସହ ଆମ ଐତିହ୍ୟର ଗାଥା ବହନ କରିଥାଏ। ୧୯୭୭-୭୮ ମସିହାରେ ସେତେବେଳ ସମୟରେ ରାଜ୍ୟ ସରକାରଙ୍କ ସଂସ୍କୃତି ମନ୍ତ୍ରୀ ବିଭାଗ ଦାୟିତ୍ୱରେ ଥିବା ସମୟରେ ବିଶ୍ୱଭୂଷଣ ହରିଚନ୍ଦନ ରାଜ୍ୟ ପ୍ରତ୍ନତତ୍ୱ ବିଭାଗକୁ ଦାୟିତ୍ୱ ଦେଇଥିଲେ। ପରବର୍ତୀ ସମୟରେ ଏହା ଅବହେଳିତ ଅବସ୍ଥାକୁ ଚାଲିଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏଏସଆଇ ଏହାର ଦାୟିତ୍ୱ ବହନ ଗ୍ରହଣ କରିବା ପ୍ରକ୍ରିୟା କରାଇଥିଲେ।

## ୧୩ନଂ ୱାର୍ଡ ଗାଁ ଭିତରେ ବର୍ଷା ପାଣି, ରାସ୍ତାରୋକ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୦୬/୦୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୧୩ନଂ ୱାର୍ଡ ରଣପଡା ଗ୍ରାମରେ ବର୍ଷାପାଣି ପଶି ଯାଇଥିବାରୁ ଗ୍ରାମବାସୀ ମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି । ୪ଦିନ ହେଲା ଲଗାଣ ବର୍ଷା ଫଳରେ ପୌରାଂଚଳର ତଳିଆ ଅଂଚଳ ରଣପଡା ପୋଲ ନିକଟବର୍ତୀ ଗ୍ରାମଗୁଡିକରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବେଶ କରିବା ସହ ଘର ଭିତରେ ପାଣି ପଶି ଯିବାରୁ ସ୍ଥାନୀୟ ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇଥିବାରୁ ଉଦ୍‌ବୃତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହୋଇ ନପାରି ଏହିଗାଁ ଗୁଡିକରେ ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଅବସ୍ଥା ଏପରି ହୋଇଛି ଯେ, ଲୋକେ ଘର ଭିତରେ ଏବଂ ଘର ବାହାରେ ଆଣ୍ଠୁଏ ପାଣିରେ ଚଳପ୍ରଚଳ ହେଉଛନ୍ତି । ଏନେଇ ଗ୍ରାମବାସୀ ମାନେ ପୌର କାର୍ଯ୍ୟାଳୟ ରେ, ଜିଲ୍ଲା କାର୍ଯ୍ୟାଳୟ ରେ ଅଭିଯୋଗ କରଥିଲେ ମଧ କୌଣସି ପ୍ରତିକାର ନହେବାରୁ ଗରାପୁର ରାସ୍ତାକୁ ରଣପଡା ପୋଲ ନିକଟରେ ଶତାଧିକ ମହିଳା ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ଖବରପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଁଚି ଅନ୍ଦୋଳନ ରତ ମହିଳା ମନଙ୍କୁ ବୁଝାସୁଝା କରିବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

# ନିମ୍ନମାନର କାମକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ : ନିରପେକ୍ଷ ତଦନ୍ତ କରିବାକୁ ଚାଷୀ ମହଲରେ ଦାବି

ଭଦ୍ରକ, ୦୬/୦୭ (ନି.ପ୍ର): କୃଷି କ୍ଷେତ୍ରକୁ ଜଳ ସେଚନ ର ସୁବିଧା ପାଇଁ ସରକାର ଜଳ ସେଚନ ବିଭାଗ ମାଧ୍ୟମରେ କେଉଁଠି ନୂଆ କେନାଲ ନିର୍ମାଣ କରୁଛନ୍ତି ତ ପୁଣି କେଉଁଠି ପୁରୁଣା କେନାଲ ଗୁଡିକର ମରାମତି କରୁଛନ୍ତି । ତେଣୁ ସରକାର ଏଥିପାଇଁ ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ତଳ ସ୍ତରରେ ଏହି ସବୁ କାର୍ଯ୍ୟ ସଠିକ ଭାବରେ ତଦାରଖ କରାଯାଉ ନ ଥିବାରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବାଟ ମାରଣା ହେଉଛି ପ୍ରକଳ୍ପ ର କାର୍ଯ୍ୟ ମାତ୍ର ଅଳ୍ପ ଦିନ ମଧ୍ୟରେ ନଷ୍ଟ ହୋଇ ଯାଉଛି ।ଏହିଭଳି ଏକ କାର୍ଯ୍ୟ ଦେଖା ଦେଇଛି ଭଦ୍ରକ ବ୍ଲକ ଅଧିନସ୍ଥ କୋଡ଼ବରୁଆଁ ପଂଚାୟତରେ। ତେବେ ଏହି ପଂଚାୟତ ଦେଇ ଯାଇଥିବା କେନାଲ କାମରେ କିପରି ଲକ୍ଷ ଲକ୍ଷ ଟଙ୍କା ବାଟ ମରଣା ହୋଇଛି ଏବଂ ଏହାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ କିପରି ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ଅଧୀନ ରେ ଥିବା ଚରମ୍ପା ମେନ କେନାଲରୁ ସରଗଡ଼ିଆ,ପଲ୍ଲୀ ଓ ସାବରଙ୍ଗ କୁ ଯାଇଥିବା ମାଇନର କେନାଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ସ୍ଥାନୀୟ ଚାଷୀ ଙ୍କ ବାରମ୍ବାର ଦାବି ପରେ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ଏହି କେନାଲର ସ୍ଥାୟୀ ମରାମତି ପାଇଁ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ପ୍ରକଳ୍ପ ଅନୁମୋଦନ ପରେ ଏହି କେନାଲର ନିର୍ମାଣ ପାଇଁ କେନ୍ଦ୍ର ସରକାର ଙ୍କ କାଫେକ୍ସ ଯୋଜନାରେ ୨ କୋଟି ୯ ଲକ୍ଷ୍ୟ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟା ଶେଷ ପରେ ଜଣେ ଠିକା ସଂସ୍ଥା କୁ ଏହି ନିର୍ମାଣ କାର୍ଯ୍ୟ ଦିଆଯାଇଥିଲା। କିନ୍ତୁ ବଡ଼ ଦୁଃଖର କଥା କାର୍ଯ୍ୟ ଆରମ୍ଭ ପୂର୍ବରୁ, କାର୍ଯ୍ୟର ବିବରଣୀ ସମ୍ପର୍କରେ ସୂଚନା ଫଳକ ଟିଏ ନିର୍ମାଣ କରା ନ ଯାଇ ତରବରିଆ ଭାବେ ନିର୍ମାଣ କାର୍ଯ୍ୟ କରାଯାଇଛି. ଯାହା ଅତ୍ୟନ୍ତ ନିମ୍ନ ମାନର ଏବଂ ଏଷ୍ଟିମେଟ୍ ଅନୁଯାୟୀ କରାଯାଇ ନ ଥିବା ସ୍ଥାନୀୟ ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏପରିକି କେନାଲ ରେ ଯେଉଁ କଂକ୍ରିଟ ୱାଲ ନିର୍ମାଣ କରାଯାଇଛି ତାହା ଏଷ୍ଟିମେଟ୍ ଅନୁଯାୟୀ କରାଯାଇ ନାହିଁ। ଲୁହା ରଡ଼ କମ ପରିମାଣରେ ଏବଂ ଛାଡି, ଛାଡି ଦିଆଯାଇଛି. ଏପରିକି କମ ସିମେଂଟ ଭାଗ ଦିଆଯାଇ ଏହି ୱାଲ କୁ ନିର୍ମାଣ କରାଯାଇଛି। ଯାହା ଗୋଟିଏ ବର୍ଷରେ ଭାଙ୍ଗି ଯିବାର ଆଶଙ୍କା ସୃଷ୍ଟି କରିଥିବା ନେଇ ଚାଷୀ ମାନେ କହିଛନ୍ତି। ତେଣୁ ଏହି କେନାଲ ମାଧ୍ୟମ ରେ ଚାଷ ଜମି କୁ ଜଳ ଆସିବାରେ ଅସୁବିଧା ହେବ ବୋଲି ଚାଷୀ ମାନେ କ୍ଷୋଭ ର ସହିତ କହିଛନ୍ତି ସେହିପରି ଭାବେ ଏହି କେନାଲର ନିମ୍ନ ମାନର କାର୍ଯ୍ୟ କୁ ନେଇ ସ୍ଥାନୀୟ ଯୁବକ ମାନେ ସମ୍ପୃକ୍ତ ଠିକା ସଂସ୍ଥା ଓ ସାଳନ୍ଦୀ କେନାଲ ଡିଭିଜନର ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଜଣାଇଥିଲେ ମଧ୍ୟ ସେମାନେ କିଛି ବୁଝି ନ ଥିଲେ। ଏପରିକି କାର୍ଯ୍ୟ ଚାଲୁଥିବା ସମୟରେ କୌଣସି କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ, କାର୍ଯ୍ୟ ସ୍ଥଳ କୁ ଆସି କାମ ର ତଦାରଖ କରି ନାହାନ୍ତି। ଠିକାଦାର ଠାରୁ ବ୍ୟାପକ ପିସି ନେଇ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ବିଲ ପେମେଂଟ କରିଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଭାବେ କେନାଲ ପାଖରେ ନିର୍ମାଣ କରାଯାଇଥିବା ଜଳ ସେଚନ ବିଭାଗ ର ରାସ୍ତା ମଧ୍ୟ ଏହି ୬ ମାସ ହେଲା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରା ଯାଇ ନିର୍ମାଣ କରାଯାଇଥିଲା। ତାହା ମଧ୍ୟ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ନଷ୍ଟ ହୋଇ ଗଲାଣି। ତେବେ ଏ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ପଚାରିବାରୁ ସେ କୌଣସି ସନ୍ତୋଷ ଜଣକ ଉତର ଦେଇ ନଥିଲେ କୀ କ୍ୟାମେରା ସମ୍ମୁଖରେ କୌଣସି ସୂଚନା ଦେବାକୁ ମନା କରିଥିଲେ। ତେବେ ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି ଏ ସମ୍ପର୍କରେ ଅଭିଯୋଗ ପାଇ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିଥିଲି। ସେ କାମ ଠିକ ହୋଇଥିବା କହିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି। ତେବେ ଜିଲ୍ଲାପାଳ ଏ ସମ୍ପର୍କରେ ଏକ ଫେକଚୁଆଲ ରିପୋର୍ଟ ସାଳନ୍ଦୀ କେନାଲ ଡିଭିଜନ କୁ ମାଗିଥିବା କହିଛନ୍ତି। କେନାଲର ନିମ୍ନ ମାନର କାର୍ଯ୍ୟ ସମ୍ପର୍କରେ ଜଳ ସେଚନ ବିଭାଗର ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ଏହାର ଏକ ନିରପେକ୍ଷ ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

# ଦୋକାନ ଖୋଲିଲା : ଖାଦ୍ୟର ମାନ ଯାଂଚ ହେଉନି

ଧର୍ମଶାଳା, ୦୬/୦୭ (ନି.ପ୍ର): ଯାଜପୁର ଜିଲାରେ ଡାଇରିଆ ଆତଙ୍କ ଘଟଣା ସାରା ରାଜ୍ୟରେ ଆତଙ୍କ ଖେଳାଇ ଦେଇଥିଲା । ଧର୍ମଶାଳା ବ୍ଲକରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢିବଢି ତାହା ଯାଜପୁର ଜିଲାର ଅନେକ ବ୍ଲକକୁ ବ୍ୟାପୀ ଯାଇଥିଲା। ଏପରିକି ବହୁ ମେଡିକାଲରେ ଆକ୍ରାନ୍ତଙ୍କୁ ଚିକିତ୍ସା କରିବା କଷ୍ଟ କର ହୋଇ ପଡିଥିଲା। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଇବା ସହ ଆମ୍ବ ,ଫାଷ୍ଟଫୁଡ୍ ,ଜଳଖିଆ ଓ ହୋଟେଲ ଗୁଡିକୁ କିଛି ଦିନ ପାଇଁ ବନ୍ଦ କରିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ରୋକ ଲାଗିବା ପରେ ସମସ୍ତ ଦୋକାନଗୁଡିକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏବେ ଲଗାଣ ବର୍ଷା ଲାଗି ରହିଛି। ଅନେକ ସ୍ଥାନରେ ପାଣି ଜମି ସଂକ୍ରମଣ ହେବା ସହ ଦୋକାନଗୁଡିକରେ ବାସି ଖାଦ୍ୟ ମହଜୁଦ ରହୁଛି। ଧର୍ମଶାଳା,ବଡଚଣା,ରସୁଲପୁର ଓ ବରୀ ବ୍ଲକ ଅଂଚଳରେ ଶହଶହ ବେପାରୀମାନେ ବଳକା ଖାଦ୍ୟକୁ ଫ୍ରିଜରରେ ରଖି ଏହାକୁ ପର ଦିନ ଗ୍ରାହକଙ୍କୁ ବିକ୍ରୀ କରିଥାନ୍ତି। ଯାହାକି ପୁଣି ଡାଇରିଆ ହେବାର ଆଶଙ୍କା ରହିଛି । ଜିଲା ଖାଦ୍ୟ ନିରାପତା ଅଧିକାରୀଙ୍କ ଚେତା ପଶୁନି। ଏନେଇ ବାରମ୍ବାର ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଅଂଚଳବାସୀ କହିଛନ୍ତି । ଏଦିଗରେ ଯାଜପୁର ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ନହେଲେ ପୁଣି ଡାଇରିଆ ସଂକ୍ରମଣଙ୍କ ସଂଖ୍ୟା ବଢିବା ଆଶଙ୍କା ରହିଛି।

# କଟକ ଚାନ୍ଦବାଲିର ପଥରକ୍ଷଣୀ-ପୋଇପାଟ ରାସ୍ତା ଶୋଚନୀୟ

## ଭାଙ୍ଗିରୁଜି ଗଲା ଦୁଇ ବର୍ଷର ରାସ୍ତା : ନିମ୍ନମାନର ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡ଼ା, ୦୬/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଂଚାୟତର ପଥରକ୍ଷଣୀ-ପୋଇପାଟ ରାସ୍ତା ଶୋଚନୀୟି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏହିପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଗ୍ରାବାସୀମାନେ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଦୁଇ ବର୍ଷ ନ ଯାଉଣୁ ରାସ୍ତାର ଅବସ୍ଥା ସଙ୍ଗୀନ ହୋଇଗଲାଣି। ଏହି ଦେଇ ପୋଇପାଟ ଗ୍ରାମକୁ ଯିବା ଆସିବା କରୁଥିବା ଲୋକମାନେ ହଇରାଣ ହରକତ କରୁଛନ୍ତି। ଏହି ପୋଇପାଟ ଗ୍ରାମରେ ୮୦ ପରିବାରର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏହି ଗ୍ରାମର ଲୋକମାନେ ଏହି ରାସ୍ତାଦେଇ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇକୁ ଯିବା ଆସିବା କରିଥାନ୍ତି। କଟକ ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇର ଏହା ହେଉଛି ମଧ୍ୟସ୍ଥଳ। ରାସ୍ତା ଏପରିକି ହୋଇଛି ଯେ ବର୍ଷାଦନରେ ରାସ୍ତାରେ ପାଣି ଭର୍ତି ହୋଇଯାଉଛି । ଟିକେ ବେହୁସିଆର ହେଲେ ଖାଲଭିତରେ ଗ୍ରାବସୀମାନେ ପଡୁଛନ୍ତି । ସେହିପରି ଏହି ଗ୍ରାମରୁ କଲେଜ ଓ ସ୍କୁଲକୁ ପିଲାମାନେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇକୁ ପାଠ ପଢିବା ପାଇଁ ଆସିଥାନ୍ତି। ସେହିପରି ଛାତ୍ରଛାତ୍ରୀମାନେ ପାଠ ପଢିବାକୁ ଯିବା ଆସିବା କରିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। କାରଣ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଯାହା ଫଳରେ ବାଇକ ଓ ସାଇକଲରେ ଯିବା ଆସିବା କରୁଥିବା ଲୋକମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ସେହିପରି ରାସ୍ତା ଭାଙ୍ଗିରୁଜି ଯାଇଥିବାରୁ ଚିପ୍ସ ଖଣ୍ଡ ରାସ୍ତା ଉପରେ ପଡିରହିଛି। ଗାଡିର ଚକାକୁ ଏହି ଚିପ୍ସ ଖଣ୍ଡଗୁଡିକ ଅନିୟନ୍ତ୍ରିତ କରି ଦେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀମାନେ କୁହନ୍ତି ଯେଉଁ ଠିକାଦାର ଏହି ରାସ୍ତା କାମ କରିଛନ୍ତି ତାଙ୍କ ବିରୋଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କାରଣ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାସ୍ତା ନିର୍ମାଣ ହୋଇଛି। ଯାହାର ଫଳସ୍ୱରୂପ ଏବେ ଲୋକମାନେ ହଇରାଣ ହରକତ ହେଉଛନ୍ତି। ସେହିପରି ଏହି ରାସ୍ତାରେ ଲୋକମାନେ ଟ୍ରାକ୍ଟର ନେଇ ବିଲକୁ ଯାଇଥାନ୍ତି। ବିଲକୁ ହଳ କରିବା ଓ ଅମଳ ପରେ ଧାନ ସଂଗ୍ରହ କରିବା ପାଇଁ ଟ୍ରାକ୍ଟର ଯାଇ ପାରୁନାହିଁ। କାରଣ ଟ୍ରାକ୍ଟର ଚାଳକ ଏହି ରାସ୍ତାରେ ଟ୍ରାକ୍ଟର ଚଳାଇବା ପାଇଁ ଅମଙ୍ଗ ହେଉଛନ୍ତି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସେ କହିଛନ୍ତି। ଏହି ପଂଚାୟତର ସରପଂଚ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହା ନିର୍ମାଣ କରାଯାଇଛି। କେନ୍ଦ୍ରାପଡ଼ାର ଜଣେ ଠିକାଦାର ଏହି ରାସ୍ତା ନିର୍ମାଣ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ ଏ ନେଇ ସେ ତଦନ୍ତ କରି ବିହୀତ ପଦକ୍ଷେପ ଗ୍ରହଣ କରିବେ।

# ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୩୦ତମ ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୫ ଜୁଲାଇ (ହି.ସ.)- କୋରାପୁଟ ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ତିରିଶ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି କ୍ଷ କୋରାପୁଟର ସଂସ୍କୃତି ଓ ପରମ୍ପରାକୁ ଆଖି ଆଗରେ ଏହି ବାର୍ଷିକ ଉତ୍ସବର ନାମକରଣ ଈଉଦିଆତାରାଈ ରଖାଯାଇଛି କ୍ଷ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ରାଜେନ୍ଦ୍ର ପାଢୀ, ଅତିଥି ପ୍ରଫେସର, କୋଟସ କୋରାପୁଟ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିଲେ । ଛାତ୍ର ସଂସଦର ଉପଦେଷ୍ଟା ଶ୍ରୀମତୀ ଝରଣା ସାହୁ ଓ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ, ସହକାରୀ ପ୍ରୋଫେସର, ଛାତ୍ର ସଂସଦ ସଭାପତି ଚନ୍ଦନ କୁମାର ଗମାଙ୍ଗୋ, ସମ୍ପାଦକ ପ୍ରଭଞ୍ଜନ ନାୟକ ମଂଚାସୀନ ଥିଲେ । ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ପ୍ରଭଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭାପତି ଚନ୍ଦନ କୁମାର ଗମାଙ୍ଗୋ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ ବାର୍ଷିକ ଉତ୍ସବର ଆଭିମୁଖ୍ୟ ଏବଂ ଅନୁଷ୍ଠାନର ଉପଲବ୍ଧି ବିଷୟରେ ଆଭିମୁଖ୍ୟ ରଖିଥିଲେ । ମୁଖ୍ୟ ଅତିଥି ମହେଶ ଚନ୍ଦ୍ର ନାୟକ ଗୁରୁ ଛାତ୍ରଛାତ୍ରୀ ମାନଙ୍କୁ ଏକ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ ତତ୍ ସହିତ ଭଲ ଶିକ୍ଷକ ହୋଇ ସମାଜରେ ଆଲୋକ ଦେଖେଇବା ପାଇଁ ଉଦବୋଧନ ଦେଇଥିଲେ । ମୁଖ୍ୟବକ୍ତା ଡଃ. ରାଜେନ୍ଦ୍ର ପାଢୀ କୋରାପୁଟର ସଂସ୍କୃତି ପରମ୍ପରା ଏବଂ କିପରି ଭାବେ ଏହକୁ ଶିକ୍ଷା ସହିତ ଯୋଡି ହେବ ସେ ଉପରେ ଆଲୋକପାତ କରିଥିଲେ । ନିଜ ସଂସ୍କୃତି ପରମ୍ପରା ସହିତ ବହୁଭାଷୀ ଶିକ୍ଷାଦାନ କରି ସମାଜର ସମସ୍ତ ବର୍ଗଙ୍କୁ ଆଗକୁ ନେଇ ହେବ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟଳୟର ପୂର୍ବତନ ଅଧକ୍ଷଙ୍କୁ ସମ୍ମାନୀତ କରାଯାଇଥିଲା । ବିଭିନ୍ନ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଶ୍ରୀମତୀ ଝରଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ ଛାତ୍ର ଛାତ୍ରୀଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# କବିତା ସମୂହ ନିମନ୍ତେ ଅଭିପ୍ରେତ ବ୍ୟକ୍ତିଚେତନାର ମାର୍ମିକ ଅଭିବ୍ୟକ୍ତି

## କବିତା ସଂକଳନ କଂଟା ଓ ଗୋଲାପର ପାଠକାର୍ପଣ ସମାରୋହ

ବଲାଙ୍ଗୀର, ୦୬/୦୭ (ନି.ପ୍ର):କବିତା ସବୁବେଳେ ଜୀବନ ର କଥା କହେ। ସମୂହ ନିମନ୍ତେ ଅଭିପ୍ରେତ ଭାବ ବ୍ୟଞ୍ଜନାକୁ ବ୍ୟକ୍ତିଗତ ଭାବରେ ଅନୁଭବୀ ସଭିଙ୍କ ପାଇଁ ପ୍ରକାଶିତ କରେ। ସମୟ ର ପ୍ରତିରୂପ ହେଉଛି ସମସାମୟିକ କବିତା ବୋଲି ମତ ପ୍ରକାଶ ପାଇଛି କବୟତ୍ରୀ ସରସ୍ୱତୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ କଂଟା ଓ ଗୋଲାପର ପାଠକାର୍ପଣ ସମାରୋହ ଅବସରରେ। ବଲାଙ୍ଗିର ସ୍ଥିତ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପବିତ୍ର ବାହୁଡ଼ାଯାତ୍ରା ଅବସରରେ କବୟତ୍ରୀ ସରସ୍ୱତୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ କଂଟା ଓ ଗୋଲାପ ର ପାଠକାର୍ପଣ ସମାରୋହ ସ୍ରୋତସ୍ୱତୀ ପ୍ରକାଶନୀ ର ଆୟୋଜନରେ ଅନୁଷ୍ଠିତ ହୋଇଥିଲା। ସମାରୋହ ରେ ମୁଖ୍ୟ ଅତିଥି ଭାବରେ ନାଟ୍ୟଭୂଷଣ ଜଗଦା ନନ୍ଦ ଛୁରିଆ,ସମ୍ମାନିତ ଅତିଥି ସ୍ରୋତ ସ୍ୱତୀ ପ୍ରକାଶନୀର ପ୍ରତିଷ୍ଠାତା ଅଧାପକ ସନ୍ଦୀପ କୁମାର କୁଅଁର ଓ ମୁଖ୍ୟବକ୍ତା ଭାବରେ ଶିକ୍ଷବିତ ଡକ୍ଟର ଗୋପବନ୍ଧୁ ରଥ ପ୍ରମୁଖ ଉପସ୍ଥିତ ରହି କବୟତ୍ରୀ ସରସ୍ୱତୀ ମିଶ୍ର ଙ୍କ କବିତା ସଂକଳନ କଣ୍ଟା ଓ ଗୋଲାପକୁ ପାଠକାର୍ପଣ କରିଥିଲେ ! ପାଠକାର୍ପଣ ସମୟରେ ସହ ପ୍ରକାଶକ କୃଷ୍ଣ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ସଭାକୁ କବୟତ୍ରୀ କସ୍ତୁରୀ ରଥ ସଂଯୋଜନା କରିଥିବା ବେଳେ ରଶ୍ମୀ ପାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ ।ପାଠକାର୍ପିତ କବିତା ସଂକଳନ କଣ୍ଟା ଓ ଗୋଲାପ ରୁ କବିତା ଆବୃତି କରିଥିଲେ କବିତା ମିଶ୍ର, ଧର୍ମେନ୍ଦ୍ର ପ୍ରଧାନ, ନଳିନୀପ୍ରଭା ଶତପଥି।

# ଶ୍ୟାମସୁନ୍ଦର ସେବାସଦନକୁ ସରକାର ହାତକୁ ନେବା ପାଇଁ ଦାବି

ଭଦ୍ରକ, ୦୬/୦୭ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ସାରୋ ଗ୍ରାମରେ ଯାତ୍ରାସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତିରେ ସ୍ଥାପିତ ଶ୍ୟାମସୁନ୍ଦର ସେବାସଦନକୁ ସରକାର ହାତକୁ ନେଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି ହୋଇଛି ।୧୯୯୩ ମସିହାରେ ଏହି ସେବାସଦନ ଓଡ଼ିଶା ହାଇକୋର୍ଟବାର ଆସୋସିଏସନର ପୂର୍ବତନ ସଭାପତି ଡ଼ଃ ଅଶୋକ କୁମାର ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା ।ଏହି ସେବାସଦନ ଜରିଆରେ ଡାକ୍ତରଖାନା ଗୃହ ନିର୍ମାଣ ସହିତ ଡାକ୍ତରଙ୍କ ପାଇଁ ବାସଗୃହ ଓ ଚିକିତ୍ସା ପାଇଁ ଆବଶ୍ୟକ ଶଯ୍ୟା ଓ ଆନୁସଙ୍ଗିକ ଯନ୍ତ୍ରପାତି ଓ ଔଷଧର ବ୍ୟବସ୍ଥା କରାଯାଇ ରୋଗୀମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଥିଲା ।ଏପରିକି ବିଭିନ୍ନ ସମୟରେ ମଧ୍ୟ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା ।ମାତ୍ର ଗତ ୨୦୨୦ ମସିହାରୁ ଡ଼ଃ ମହାପାତ୍ରଙ୍କ ମୃତ୍ୟୁ ପରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସୁବିଧା ବନ୍ଦ ରହିଛି ।ଏହି ସେବାସଦନକୁ ସରକାର ହାତକୁ ନେଇ ସ୍ଥାନୀୟ ଲୋକଙ୍କ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଓ ଓଡ଼ିଆ କଳାସଂସ୍କୃତିର ବିଶିଷ୍ଟ ସ୍ମରଣୀୟ ବ୍ୟକ୍ତିତ୍ୱ ଯାତ୍ରାସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।ଇତି ମଧ୍ୟରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଆନୁସଙ୍ଗିକ ବ୍ୟବସ୍ଥା ହୃଦବୋଧ କରି ସନ୍ତୋଷ ପ୍ରକାଶ କରି ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଉଭୟ ମଞ୍ଜୁରୀରୋଡ଼ ଓ ଭଣ୍ଡାରିପୋଖରୀର ମଧ୍ୟ ସ୍ଥଳୀରେ ଅବସ୍ଥିତ ଏହି ସାରୋସ୍ଥିତ 'ଶ୍ୟାମସୁନ୍ଦର ସେବାସଦନ' କୁ ହାତକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ପାଖରେ ଚିକିତ୍ସା ବ୍ୟବସ୍ଥା ସୁଲଭରେ ପହଂଚିବା ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଆହାର

**ସ୍ୱାସ୍ଥ୍ୟରକ୍ଷାର ପ୍ରଥମ ଆୟୁଧ ହେଉଛି ଆହାର । ଆହାର କାରଣରୁ ଶରୀରର ଆକାର ବୃଦ୍ଧି ପାଇଥାଏ । ଏଥିରୁ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ ହୋଇଥାଏ । ସର୍ବଦା ସୁଷମ ଖାଦ୍ୟ ଉପରେ ନିର୍ଭର କରିବା ଆବଶ୍ୟକ । ତେଣୁ ଖାଦ୍ୟ ଗ୍ରହଣ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।**



ଖାଦ୍ୟ ଖାଇବା ପୂର୍ବରୁ ହାତକୁ ସାବୁନରେ ଧୋଇ ଅଳ୍ପ ବିଶୁଦ୍ଧ ଜଳ ଖାଦ୍ୟ ଗ୍ରହଣ ସୁଗମ ପାଇଁ ଆଚମନ କରିବା ଉଚିତ ।

ନିୟମ ଅନୁସାରେ, ସୁଷମ ଖାଦ୍ୟ ନିୟମିତ ଗ୍ରହଣ କରିବା ଉଚିତ । କ୍ଷୁଧା ଅନୁରୂପ ପେଟଭରା ନଖାଇ କମଖାଦ୍ୟ ଗ୍ରହଣକରିବା ଶରୀର ପାଇଁ ଭଲ ।

ନିୟମିତ ତନ୍ତୁଯୁକ୍ତ ଖାଦ୍ୟ ଯଥା: ଶାଗ, ଫଳ, ସାଲାଡ, ଡାଲି, ପନିପରିବା ଜାତୀୟ ଶାକାହାରୀ ଖାଦ୍ୟଗ୍ରହର କରିବା ଉଚିତ୍ । ଶାଗ ଜାତୀୟ ଖାଦ୍ୟ ମୁହଁର ଲୋଚାପଣ ଦୂର କରିବା ସହ ଦୃଷ୍ଟିଶକ୍ତି ବଢ଼ାଏ ।

ଚା ଓ କଫି ନ ପିଇବା ଭଲ । ଦୀର୍ଘଦିନ ଏହାକୁ ପିଇଲେ ଯକୃତରେ ହାନି ପହଞ୍ଚାଏ। ଏଥିଯୋଗୁଁ ସ୍ନାୟବିକ ଦୁର୍ବଳତା ସୃଷ୍ଟି ହୋଇଥାଏ ।

ଚିନି ଓ ଲୁଣ ଯେତେଦୂର ସମ୍ଭବ କମ୍ ଗ୍ରହଣ କରିବା ଉଚିତ୍ ।

ଧୂଆଁ ପତ୍ର ସେବନ, ଧୂମପାନ, ମଦ୍ୟପାନ ବା ଯେକୌଣସି ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ପରିହାର ବିଧେୟ ।

ବ୍ୟକ୍ତିଗତ ଅବସ୍ଥାକୁ ବିଚାର କରି ମାସରେ ଥରେ ସଜଳ/ନିର୍ଜଳ/ସଫଳ ଉପବାସ କରିବା ଉଚିତ୍ ।

ପ୍ରତ୍ୟହ ଗଜାମୁଗ, ଗଜାବିରି, ଗଜାମେଥି, ଗଜା ସୋୟାବିନ ଓ ଗଜା ଗହମ ଗ୍ରହଣ କରିବା ଭଲ । ଫାଷ୍ଟଫୁଡ୍, ଜଙ୍କଫୁଡ୍, ବାସିଖାଦ୍ୟ ନ ଖାଇବା ଭଲ ।

ପ୍ରତ୍ୟେକ ଦିନ ଖାଦ୍ୟରେ କଦଳୀ, କମଳା, ଲେମ୍ବୁ, ସେଓ, ଡାଳିମ୍ବ, ଅଁଳା ଆଦି ଋତୁକାଳୀନ ଫଳ ସେବନ କରିବା ଉଚିତ ।

ଖାଦ୍ୟରେ ସଂଶ୍ଲେଷିତ ରଙ୍ଗ ଓ ସୁବାସିତ ଦ୍ରବ୍ୟ ବ୍ୟବହାର ନକରି ସାଧାରଣ ହଳଦୀ, ତେଜପତ୍ର, ଧନିଆଁ ପତ୍ର, ପୋଦିନା ପତ୍ର ଆଦି ପରି ପ୍ରାକୃତିକ ଦ୍ରବ୍ୟର ସୁବାସକୁ ଉପଯୋଗ କରିବା ଉଚିତ ।



ତେଲଜାତୀୟ ଖାଦ୍ୟର ପରିମାଣ ଯେତେ କମ୍ ହେବ ଭଲ। ମଝିରେ ମଝିରେ ରାନ୍ଧିବା ତେଲ ଗ୍ରହଣରେ ପରିବର୍ତ୍ତନ କଲେ ଶରୀର ଆବଶ୍ୟକୀୟ ପୋଷକତତ୍ତ୍ୱ ପାଇପାରିଥାଏ ।

କ୍ଷୁଧା ନଥିବା ସମୟରେ ଖାଦ୍ୟ ଗ୍ରହଣ କରିବାକୁ ଆୟୁର୍ବେଦରେ କ୍ରମବିରୁଦ୍ଧ ଆହାର କହନ୍ତି । ଏହିପରି ଅନେକ ବିରୁଦ୍ଧ ଆହାର ବିଷୟରେ ଦୃଷ୍ଟାନ୍ତ ରହିଛି । ଯଥା- ମହୁକୁ ଉଷୁମ କରି ସେବନ, କଂସାପାତ୍ରରେ ଅନେକ ଦିନ ଧରିଥିବା ଘିଅ ପଦାର୍ଥ, ମାଛ ଓ କ୍ଷୀର ଏକତ୍ର ସେବନ, ଶୀତଋତୁରେ ଥଣ୍ଡା ପଦାର୍ଥ ଓ ଗ୍ରୀଷ୍ମ ଋତୁରେ ଉଷ୍ଣ, ଖଟା, ରାଗ ପଦାର୍ଥ ସେବନ ଇତ୍ୟାଦି ।

# ପନିର ଟୋମାଟୋ ଚମନ୍

ସମଗ୍ରୀ : ପନିର୍-୨୦୦ଗ୍ରାମ, ଗୁଜୁରାତି-୩, ତେଜପତ୍ର-୨, ହିଙ୍ଗୁ-୧/୨ଚାମଚ, ଲଙ୍କାଗୁଣ୍ଡ-୧/୨ଚାମଚ, ଟମାଟୋ ପ୍ୟୁରି-୧କପ୍, ଅଦାପେଷ୍ଟ-୨ଚାମଚ, ଜିରା ଗୁଣ୍ଡ-୧/୨ଚାମଚ, ଗରମ ମସଲା-୧/୨



ଚାମଚ, କଟା ଧନିଆ ପତ୍ର, ଲୁଣ ଓ ତେଲ ଆବଶ୍ୟକତା ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ:- ପ୍ରଥମେ କଡ଼େଇତେଲ ଗରମ କରନ୍ତୁ । ସେଥିରେ କଟା ପନିରକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ଆଉ ଏକ ପ୍ୟାନରେ କିଛି ତେଲ ଗରମ କରନ୍ତୁ। ସେଥିରେ ଗୁଜରାତି, ତେଜପତ୍ର, ହିଙ୍ଗୁ, ଲଙ୍କାଗୁଣ୍ଡ, ଟମାଟୋ ପ୍ୟୁରି ଏବଂ ଲୁଣ ପକାଇ କିଛି ସମୟ କଷନ୍ତୁ । ପରେ ସେଥିରେ ଅଦା ପେଷ୍ଟ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ ଏବଂ ଅଳ୍ପ ପାଣି ଦେଇ ଧୀମା ଆଞ୍ଚରେ ୫ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଏବେ ଗ୍ରେଭିରେ ଫ୍ରାଏ ପନିରକୁ ଭଲଭାବେ ମିଶାଇ ସେଥିରେ ଧନିଆ ପତ୍ର ପକାନ୍ତୁ । ଗରମ ଗରମ ଟମାଟୋ ଚମନ୍ ।

# ବିମାନ ଯାତ୍ରା ସମୟରେ ହୁଅନ୍ତୁ ସଚେତନ

ଗତ କିଛି ବର୍ଷ ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିମାନ ଟିକେଟ୍ ଭଡ଼ା ଯଥେଷ୍ଟ ହ୍ରାସ ପାଇବାରୁ ବିଭିନ୍ନ ବର୍ଗର ଲୋକେ ନିଜ ସକ୍ଷମତା ଅନୁସାରେ ଯାତ୍ରା କରିପାରୁଛନ୍ତି । ତେବେ ବିମାନ ଯାତ୍ରା ସମୟରେ କୋଡ଼ୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସମସ୍ତ ପ୍ରକାର ଖାଦ୍ୟପାନୀୟ ଆକାଶମାର୍ଗରେ ଯାତ୍ରା ସମୟରେ ଖାଇବା ସ୍ୱାସ୍ଥ୍ୟ ନିମନ୍ତେ ହିତକର ନୁହେଁ ।

ଛଣାଛଣି ଖାଦ୍ୟ ବିମାନ ଯାତ୍ରା ସମୟରେ କିମ୍ବା ୩୦-୪୦ ମିନିଟ୍ ପୂର୍ବରୁ ସେବନ କରନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ । ବିଶେଷଜ୍ଞଙ୍କ ମତରେ ଛଣାଛଣି ଖାଦ୍ୟରେ ସୋଡିୟମ ପରିମାଣ ଅଧିକ ଥିବାରୁ ତାହା ଶରୀର ପାଇଁ କ୍ଷତିକାରକ। ମୃଦୁପାନୀୟ ମଧ୍ୟ ବିମାନ ଯାତ୍ରା ପୂର୍ବରୁ ନ ପିଇବା ଉଚିତ । ଏହି କାରଣରୁ ବଦହଜମ ହୋଇପାରେ ।



ବ୍ରୋକୋଲି, ଫୁଲକୋବି, ବନ୍ଧାକୋବି ଆଦି ପରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ, କିନ୍ତୁ ବିମାନ ଯାତ୍ରା ପୂର୍ବରୁ ଏସବୁ ଖାଆନ୍ତୁ ନାହିଁ। କାରଣ ଏହି ପରିବା ସହଜରେ ହଜମ ହୋଇନଥାଏ ।

# ସ୍ୱପ୍ନରେ ଦେଖୁଛନ୍ତି କି ଏହି ୫ ଜିନିଷ: ଜାଣନ୍ତୁ କିଏ ଶୁଭ କିଏ ଅଶୁଭ



ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡ଼ିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ।

ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡ଼ିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ। ଏପରି ପରିସ୍ଥିତିରେ, ଏହା ଜରୁରୀ ଯେ ସେହି ସ୍ୱପ୍ନର ଅର୍ଥ ବୁଝିବା, ଯାହା ଦ୍ୱାରା ଆପଣଙ୍କ ସହିତ ଘଟିବାକୁ ଥିବା ଭଲ ଏବଂ ଖରାପ ଘଟଣା ବିଷୟରେ ଜାଣିହେବ। ଲୋକମାନେ ଅନେକ ପ୍ରକାରର ସ୍ୱପ୍ନ ଦେଖନ୍ତି, ସେଗୁଡ଼ିକ ମଧ୍ୟରୁ କିଛି ମନେରୁହେ ଏବଂ ଆଉ କିଛି ଭୁଲିହୋଇଯାଏ।

ଆପଣ କେବେ ସ୍ୱପ୍ନରେ ଦାନ୍ତ ରଗଡ଼ିବା, ପଛରୁ କେହି ଗୋଡ଼ାଇବା କିମ୍ବା ଉପରୁ ଖସିପଡ଼ିବା ଭଳି ଜିନିଷ ଦେଖିଛନ୍ତି କି ? ଯଦି ହଁ, ତେବେ ଏପରି ସ୍ୱପ୍ନ ଦେଖିବାର ଅର୍ଥ କ'ଣ ଜାଣିବା ଜରୁରୀ। ତେବେ ଆସନ୍ତୁ ଜାଣିବା ଜ୍ୟୋତିଷଶାସ୍ତ୍ର ମନରେ ଏହିପରି ସ୍ୱପ୍ନ ଦେଖିବା କ'ଣ ସୂଚାଇଥାଏ।

***ଆକାଶରୁ ଖସିପଡ଼ିବା:***

ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ନିଜକୁ ଆକାଶରୁ ଖସିପଡ଼ିବାର ଦେଖେ, ତେବେ ଏହି ସ୍ୱପ୍ନ ତାଙ୍କ ପାଇଁ ଏକ ଅଶୁଭ ସଙ୍କେତ ହୋଇପାରେ। ଏହି ପ୍ରକାରର ସ୍ୱପ୍ନ ଦେଖିବାର ଅର୍ଥ ହେଉଛି ଭବିଷ୍ୟତରେ କିଛି ବିପଦ ଆସିପାରେ। ଏଭଳି ପରିସ୍ଥିତିରେ, ଏହାକୁ ଧ୍ୟାନରେ ରଖିବା ଆପଣଙ୍କ ପାଇଁ ଜରୁରୀ ଅଟେ। ସେହିପରି, ଯଦି ଆପଣ ନିଜକୁ ଏକ ପାହାଡ କିମ୍ବା ପର୍ବତରୁ ଖସିପଡ଼ିବାର ଦେଖନ୍ତି, ତେବେ ଏହା ମଧ୍ୟ ରୋଜଗାରକୁ ହ୍ରାସ କରିବାର ସଙ୍କେତ ହୋଇପାରେ।

***ପଛରୁ କେହି ଗୋଡେଇବା:***

ସ୍ୱପ୍ନ ବିଜ୍ଞାନ ବିଶ୍ୱାସ କରେ ଯେ ଯଦି ସ୍ୱପ୍ନରେ କେହି ପଛରୁ ଗୋଡେଇବା ଦେଖନ୍ତି ତେବେ ଏହାର ଅର୍ଥ ହେଉଛି ବାସ୍ତବ ଜୀବନରେ କିଛି ବଡ ଚିନ୍ତାର ସମ୍ମୁଖୀନ ହେବା। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ନିକଟ ଭବିଷ୍ୟତରେ ତୁମର କାହା ସହିତ ବିବାଦ ହୋଇପାରେ। ତେଣୁ, ଯେତେବେଳେ ଏପରି ସ୍ୱପ୍ନ ଆସେ ସତର୍କ ହେବା ଆବଶ୍ୟକ।

***ସ୍ୱପ୍ନରେ ଦାନ୍ତ ଭାଙ୍ଗିବା:***

ସ୍ୱପ୍ନରେ ଦାନ୍ତ ପଡ଼ିବା ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଏ। ଦାନ୍ତ ଭାଙ୍ଗିବାର ସ୍ୱପ୍ନ ମଧ୍ୟ ଅନେକ ଲୋକମାନଙ୍କ ମଧ୍ୟରେ ସାଧାରଣ। ଏହା ନିକଟରେ ପଦ-ପଦବୀ କିମ୍ବା ଟଙ୍କା ହରାଇବାର ସଂକେତ। ଅନ୍ୟପକ୍ଷରେ, ଯଦି ଏହି ସ୍ୱପ୍ନର ଅର୍ଥ ହେଉଛି ଆତ୍ମବିଶ୍ୱାସର ଅଭାବ।

***ନିଜକୁ ଉଡୁଥିବାର ଦେଖିବା:***

ସ୍ୱପ୍ନରେ ନିଜକୁ ଉଡ଼ିବା ଦେଖିବା ଏକ ସକରାତ୍ମକ ଏବଂ ଭଲ ସ୍ୱପ୍ନ ଭାବରେ ବିବେଚନା କରାଯାଏ। ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ସ୍ୱପ୍ନରେ ଉଡୁଥିବାର ଦେଖେ, ଏହାର ଅର୍ଥ ହେଉଛି ତାଙ୍କର କିଛି ବିଚାରାଧୀନ କାମ ଭବିଷ୍ୟତରେ ଶେଷ ହେବାକୁ ଯାଉଛି। ଜଣେ ବ୍ୟକ୍ତି ଚାକିରି କିମ୍ବା ବ୍ୟବସାୟରେ ସଫଳତା ପାଇପାରେ। ସ୍ୱପ୍ନରେ ଉଡ଼ିବାର ଅର୍ଥ ହେଉଛି ଜଣେ ବ୍ୟକ୍ତି ଜୀବନରେ କିଛି ନୂଆ କାମ ଆରମ୍ଭ କରିପାରିବ ଏବଂ ସେ ସେହି କାମରେ ଲାଭ ପାଇ ପାରିବ।

# ସକାଳୁ ମେଥିପାଣି ପିଇଲେ ମିଳିଥାଏ ଅନେକ ଲାଭ



ସୁସ୍ଥ ରହିବାକୁ ଚାହୁଁଥିଲେ ଘରୋଇ ଉପଚାର ବେଶ୍ ଲାଭଦାୟକ ହୋଇଥାଏ। ଯଦି ପ୍ରଭାବଶାଳୀ ଉପଚାର ଖୋଜୁଛନ୍ତି ତେବେ ମେଥିପାଣି ବହୁ ଉପାଦେୟ। ଯାହା ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ। ଜାଣନ୍ତୁ ଏନେଇ କ'ଣ କୁହନ୍ତି ଆୟୁର୍ବେର୍ଦିକ ବିଶେଷଜ୍ଞ।

ପାଚନ ତନ୍ତ୍ରକୁ ମଜବୁତ କରେ: ମେଥିପାଣି ପେଟରେ ଗ୍ୟାସ, ଏସିଡିଟି ଏବଂ କୋଷ୍ଠକାଠିନ୍ୟକୁ ହ୍ରାସ କରେ। ଏଥିରେ ଥିବା ଫାଇବର ପାଚନକୁ ଉନ୍ନତ କରେ ଏବଂ ଅନ୍ତନଳୀ ଗତିକୁ ନିୟମିତ କରେ।

ଓଜନ ହ୍ରାସରେ ସହାୟକ: ମେଥିପାଣି ମେଟାବୋଲିଜିମ ତ୍ୱରାନ୍ୱିତ କରେ ଏବଂ ଭୋକ ନିୟନ୍ତ୍ରଣ କରେ। ସକାଳେ ଏହାକୁ ପିଇବା ଦ୍ୱାରା ଦିନସାରା ଅତ୍ୟଧିକ ଖାଇବାକୁ ରୋକାଯାଇପାରେ, ଯାହା ଓଜନ ନିୟନ୍ତ୍ରଣରେ ରହେ।

ବ୍ଲଡ୍ ସୁଗାର ସନ୍ତୁଳିତ କରେ: ମେଥିପାଣି ଡାଇବେଟସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। ଏହା ଶରୀରରେ ସୁଗାରର ଅବଶୋଷଣକୁ ଧୀର କରେ ଏବଂ ଇନ୍ସୁଲିନ ସମ୍ବେଦନଶୀଳତାକୁ ବୃଦ୍ଧି କରେ।

ତ୍ୱଚାରେ ଚମକ ଆଣେ: ମେଥିପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାରୁ ବିଷାକ୍ତ ପଦାର୍ଥକୁ ବାହାର କରେ। ଏହା ତ୍ୱଚାକୁ ଏକ ପ୍ରାକୃତିକ ଚମକ ଦିଏ ଏବଂ ବ୍ରଣ ଭଳି ସମସ୍ୟାକୁ କମ୍ କରେ।

ହରମୋନ ସନ୍ତୁଳନରେ ସହାୟକ: ମହିଳାମାନଙ୍କ ମଧ୍ୟରେ ଅନିୟମିତ ଋତୁସ୍ରାବ କିମ୍ବା ପିସିଓଏସ୍ ଭଳି ହରମୋନ ଅସନ୍ତୁଳନ ଯୋଗୁ ହେଉଥିବା ସମସ୍ୟାରେ ମେଥିପାଣି ଆରାମ ଦେଇପାରେ।

କେଶକୁ ମଜବୁତ ଏବଂ ସୁସ୍ଥ କରିଥାଏ: ମେଥିପାଣି କେଶ ମୂଳକୁ ପୋଷଣ କରିଥାଏ, ରୂପି କମ କରିଥାଏ ଏବଂ କେଶ ଝଡ଼ିବାରୁ ରୋକିଥାଏ। ନିୟମିତ ଭାବେ ମେଥିପାଣି ପିଇଲେ କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖାଯାଏ।

# ସୌନ୍ଦର୍ଯ୍ୟ ପାଇଁ ଉପକାରୀ ଲବଙ୍ଗ ତେଲ

ଲବଙ୍ଗ ତେଲରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ସ୍ୱାସ୍ଥ୍ୟ ଜନିତ ଅନ୍ୟ ସମସ୍ୟା ସହିତ ସୁନ୍ଦର ତ୍ୱଚା ପାଇଁ ବି ଏହାକୁ ବ୍ୟବହାର କରାଯାଏ। ଏଥିରେ ଆଣ୍ଟିସେପ୍ଟିକ୍ ଗୁଣ ସହିତ ଭିଟାମିନ୍ ସି, ଭିଟାମିନ୍ ଏ , ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍ଫ୍ଲାମେଣ୍ଟାରୀ ଗୁଣ ରହିଛି। ଆଉ ଏସବୁ ସୁସ୍ଥ ତ୍ୱଚା ପାଇବା ପାଇଁ ଖୁବ୍ ଉପକାରୀ। ତା'ହେଲେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରି ତ୍ୱଚା ଜନିତ କେଉଁ କେଉଁ ସମସ୍ୟାରୁ ମୁକ୍ତି ପାଇ ପାରିବେ।

*ଯଦି ଆପଣଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖାଯାଉଛି, ତା'ହେଲେ ଲବଙ୍ଗ ତେଲ ବ୍ୟବହାର କରନ୍ତୁ। ଏହା ବ୍ରଣ ସମସ୍ୟାକୁ ଦୂର କରିବ।

*ଲବଙ୍ଗ ତେଲ ଶରୀରରେ ଥିବା କଳାଦାଗ ଦୂର କରିବା ପାଇଁ ସାହାଯ୍ୟ କରିଥାଏ। ଏହି ତେଲ ବହୁତ ଷ୍ଟ୍ରଙ୍ଗ ହୋଇଥିବାରୁ ଏହାକୁ ବାଦାମ କିମ୍ବା ନଡ଼ିଆ ତେଲ ସହିତ ମିଶାଇ ଲଗାନ୍ତୁ। ଯଦି ଏପରି କରିବାକୁ ଚାହୁଁନାହାନ୍ତି, ତେବେ ଦୁଇ ବୁନ୍ଦାରୁ ଅଧିକ ଲବଙ୍ଗ ତେଲ ବ୍ୟବହାର କରନ୍ତୁ ନାହିଁ।

*ଯଦି ମୁହଁର ତ୍ୱଚାରେ କୁଞ୍ଚନ ଦେଖାଯାଉଛି, ତା'ହେଲେ ଚିନ୍ତା କରନ୍ତୁ ନାହିଁ। ନଡ଼ିଆ ତେଲ ସହିତ ୫ ବୁନ୍ଦା ଲବଙ୍ଗ ତେଲ ମିଶାନ୍ତୁ ଏବଂ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ମାଲିସ କରନ୍ତୁ। ଏପରି କଲେ ଚେହେରାରେ ପଡୁଥିବା ଭାଙ୍ଗ ଓ କୁଞ୍ଚନ ସମସ୍ୟା କମ୍ ହେବା ଆପଣ ଲକ୍ଷ୍ୟ କରିପାରିବେ।

*ଘରୁ ବାହାରକୁ ବାହାରିଲେ ଧୂଳି ଓ ପ୍ରଦୂଷଣ ଯୋଗୁଁ ମୁହଁର ତ୍ୱଚା ଉପରେ ପ୍ରଭାବ ପଡ଼ିଥାଏ। ପ୍ରଦୂଷଣ ସ୍କିନ୍କୁ ଡଲ୍ କରିଥାଏ। ଏଥିପାଇଁ ଘରକୁ ଆସିଲେ, କଟନ୍‌ରେ ଅଳ୍ପ ଲବଙ୍ଗ ତେଲ ନେଇ ମୁହଁକୁ ଭଲ ଭାବରେ ସଫା କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜଳବାୟୁ ପରିବର୍ତ୍ତନ ପ୍ରତି ଉଦାସୀନତା – ଏକ ଚିନ୍ତାଜନକ ବାସ୍ତବତା

ସମଗ୍ର ବିଶ୍ୱରେ ଅତ୍ୟଧିକ ପାଣିପାଗ ଘଟଣାଗୁଡ଼ିକର ବୃଦ୍ଧି ଚିନ୍ତାଜନକ ଭାବରେ ଜାରି ରହିଛି । ହିଟ୍ ୱେଭ୍ , ପ୍ରବଳ ବର୍ଷା, ମରୁଡ଼ି ଏବଂ ଜଙ୍ଗଲ ନିଆଁ ଭଳି ଘଟଣାଗୁଡ଼ିକ ବାରମ୍ବାର ଘଟୁଛି, ଯାହା ଜଳବାୟୁ ପରିବର୍ତ୍ତନର ସ୍ପଷ୍ଟ ସଙ୍କେତ ଦେଉଛି। ତଥାପି, ଏହି ସବୁ ଘଟଣା ସତ୍ତ୍ୱେ ଜଳବାୟୁ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମର୍ଥନ ଏବଂ ରାଜନୈତିକ ଇଚ୍ଛାଶକ୍ତିରେ ଆଶାଜନକ ବୃଦ୍ଧି ପରିଲକ୍ଷିତ ହେଉନାହିଁ, ଯାହା ଏକ ବିରୋଧାଭାସ ସୃଷ୍ଟି କରିଛି। ୟୁରୋପର ବର୍ତ୍ତମାନର ପରିସ୍ଥିତି ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୟୁରୋପରେ ଗ୍ରୀଷ୍ମକାଳୀନ ହିଟ୍ ୱେଭ୍ ର ତୀବ୍ରତା ବଢ଼ିବାରେ ଲାଗିଛି। ଫ୍ରାନ୍ସ, ସ୍ପେନ୍, ଇଟାଲୀ ଏବଂ ଜର୍ମାନୀ ଭଳି ଦେଶଗୁଡ଼ିକରେ ବର୍ତ୍ତମାନ ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିଛି । ଉଦାହରଣ ସ୍ୱରୂପ, ସ୍ପେନରେ ୪୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଗତ କିଛି ବର୍ଷ ହେବ ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ, ବନ୍ୟା, ମରୁଡ଼ି ଏବଂ ବାତ୍ୟାର ପ୍ରକୋପ ବଢ଼ିଚାଲିଛି । ତଥ୍ୟ ଅନୁଯାୟୀ, ୨୦୨୪ ମସିହା ୟୁରୋପ ପାଇଁ ରେକର୍ଡର ସବୁଠାରୁ ଉଷ୍ମ ବର୍ଷ ଥିଲା, ଯେଉଁଠାରେ ମଧ୍ୟ, ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଅଞ୍ଚଳରେ ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିଥିଲା । ଏହି ବର୍ଷ ବ୍ୟାପକ ବନ୍ୟାରେ ଅତି କମରେ ୩୩୫ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୪୧୩,୦୦୦ ଲୋକ ପ୍ରଭାବିତ ହୋଇଥିଲେ । ଗତ ପାଞ୍ଚ ବର୍ଷ ମଧ୍ୟରେ, ୟୁରୋପରେ ଜଳବାୟୁ ସମ୍ବନ୍ଧୀୟ ଦୁର୍ଘଟଣା ୭୦% ବୃଦ୍ଧି ପାଇଛି । ୨୦୨୨ ମସିହାରେ ଜର୍ମାନୀ ଏବଂ ବେଲଜିୟମ୍‌ରେ ବନ୍ୟା ଯୋଗୁ ୨୪୦ ଜଣ ମୃତ୍ୟୁବରଣ କରିଥିଲେ ଏବଂ ୪୦ ବିଲିୟନ୍ ୟୁରୋର କ୍ଷତି ଘଟିଥିଲା। ୨୦୨୩ ମସିହାରେ ଗ୍ରୀସ୍ ଏବଂ ଇଟାଲୀରେ ଅଗ୍ନିକାଣ୍ଡ ଯୋଗୁ ୧,୨୦,୦୦୦ ହେକ୍ଟର ଜଙ୍ଗଲ ପୋଡ଼ି ଯାଇଥିଲା । ଏହିପରି ଘଟଣାଗୁଡ଼ିକ ସାଧାରଣ ଜୀବନକୁ ବ୍ୟାହତ କରୁଛି, ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି ଏବଂ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ତଥାପି, ଅନେକ ଲୋକ ଏହି ପରିସ୍ଥିତିକୁ ସହ୍ୟ କରିବାକୁ ଶିଖିଯାଇଛନ୍ତି କିମ୍ବା ଏହାକୁ ଏକ ଅପରିହାର୍ଯ୍ୟ ବାସ୍ତବତା ଭାବରେ ଗ୍ରହଣ କରିଛନ୍ତି । ୟୁକେର ଜୁଲି ନାମକ ଜଣେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ମନ୍ତବ୍ୟ ଏହି ମାନସିକତାକୁ ପ୍ରତିଫଳିତ କରେ । ସେ କୁହନ୍ତି ଯେ ଗ୍ରୀଷ୍ମକାଳ ଅଧିକ ଉତ୍ତପ୍ତ ହେଉଛି, କିନ୍ତୁ ସେ ଏଥିପାଇଁ ଅତ୍ୟଧିକ ଚିନ୍ତିତ ନୁହନ୍ତି ଏବଂ ସରକାରଙ୍କ ଉପରେ ତାଙ୍କର ବିଶ୍ୱାସ ନାହିଁ । ତାଙ୍କ ମତରେ, 'ଯାହା କରାଯାଉଛି ଏହା ସବୁ ବହୁତ କମ୍, ବହୁତ ବିଳମ୍ବିତ।'

ଏହି ଉଦାସୀନତା କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନୁହେଁ, ବରଂ ଏହା ରାଜନୈତିକ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେଉଛି। ୟୁକେରେ କରାଯାଇଥିବା ସର୍ଭେ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା କରୁଥିବା ଲୋକଙ୍କ ସଂଖ୍ୟା ଗତ ବର୍ଷ ୬୮% ରୁ ୬୦% କୁ ହ୍ରାସ ପାଇଛି। ସେହିପରି, ୨୦୫୦ ସୁଦ୍ଧା ନେଟ୍ ଜିରୋ ନିର୍ଗମନ ଲକ୍ଷ୍ୟକୁ ସମର୍ଥନ କରୁଥିବା ଲୋକଙ୍କ ସଂଖ୍ୟା ୬୨% ରୁ ୪୬% କୁ ଖସି ଆସିଛି। ଏହାର ମୁଖ୍ୟ କାରଣ ହେଉଛି, ଜନସାଧାରଣଙ୍କ ପ୍ରାଥମିକତା ବଦଳି ଯାଇଛି । ବର୍ତ୍ତମାନ ଜୀବନଧାରଣର ମୂଲ୍ୟବୃଦ୍ଧି, ସ୍ୱାସ୍ଥ୍ୟସେବା ଏବଂ ପ୍ରବାସନ ଭଳି ସମସ୍ୟାଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି । ତିନି ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ପ୍ରାଥମିକତା ତାଲିକାରେ ଉପରେ ଥିବାବେଳେ, ବର୍ତ୍ତମାନ ଏହା ତଳକୁ ଖସି ଆସିଛି ।

ଏହି ପରିସ୍ଥିତିକୁ ଫାର୍ ରାଇଟ୍ ରାଜନୈତିକ ଦଳଗୁଡ଼ିକ ନିଜ ସ୍ୱାର୍ଥରେ ବ୍ୟବହାର କରୁଛନ୍ତି। ୟୁରୋପର ବିଭିନ୍ନ ଦେଶରେ ଏହି ଦଳଗୁଡ଼ିକ ଜଳବାୟୁ ନୀତିକୁ ବିରୋଧ କରି ଜନସାଧାରଣଙ୍କ ସମର୍ଥନ ହାସଲ କରୁଛନ୍ତି । ୟୁକେରେ ରିଫର୍ମ ୟୁକେ (Reform UK) ଦଳ ଶୁଦ୍ଧ-ଶୂନ୍ୟ ନିର୍ଗମନ ଲକ୍ଷ୍ୟକୁ ରଦ୍ଦ କରିବା ଏବଂ ଜୀବାଶ୍ମ ଇନ୍ଧନର ଉତ୍ପାଦନ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଉଛି । ଆଶ୍ଚର୍ଯ୍ୟର କଥା ଯେ, ଏହି ଦଳ ବନ୍ୟା ପ୍ରବଣ ଅଞ୍ଚଳରେ ମଧ୍ୟ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ରହିଛି। ସ୍ପେନରେ ଭକ୍ସ (Vox) ଦଳର ନେତା ସାଣ୍ଟିଆଗୋ ଆବାସ୍କାଲ ଜଳବାୟୁ ପରିବର୍ତ୍ତନକୁ 'ଜଳବାୟୁ ଧର୍ମ' ବୋଲି କହି ଉପହାସ କରୁଛନ୍ତି । ଇଟାଲୀରେ ଲେଗା (Lega) ଦଳର ସାଂସଦ କ୍ଲାଉଡିଓ ବୋର୍ଗି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ସବୁବେଳେ ଥିଲା ଏବଂ ଏହାର କାରଣ ସ୍ପଷ୍ଟ ନୁହେଁ । ଜର୍ମାନୀରେ ଆଲ୍ଟରନେଟିଭ୍ ଫର୍ ଡଏଚ୍‌ଲାଣ୍ଡ (AfD) ଦଳର ସହ-ଅଧ୍ୟକ୍ଷ ଆଲିସ୍ ୱାଇଡେଲ ୧୯୫୨ ମସିହାର ତାପମାତ୍ରା ସହିତ ବର୍ତ୍ତମାନର ଉତ୍ତାପ ତରଙ୍ଗକୁ ତୁଳନା କରି ଜଳବାୟୁ ପରିବର୍ତ୍ତନକୁ ଅସ୍ୱୀକାର କରୁଛନ୍ତି । ଫ୍ରାନ୍ସରେ ନ୍ୟାସନାଲ ରାଲି (National Rally) ଦଳ ଏୟାର କଣ୍ଡିସନିଂ ଯୋଜନା ପାଇଁ ଆହ୍ୱାନ ଦେଉଛି, କିନ୍ତୁ ପବନ ଏବଂ ସୌର ଶକ୍ତି ପ୍ରକଳ୍ପକୁ ବିରୋଧ କରୁଛି। ଏହି ଦଳଗୁଡ଼ିକର ସମର୍ଥକମାନେ ଜଳବାୟୁ ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରୁନଥିଲେ ମଧ୍ୟ, ସେମାନେ ପରିବେଶ ନୀତିଗୁଡ଼ିକୁ ରଦ୍ଦ କରିବାକୁ ସହ୍ୟ କରୁଛନ୍ତି।

ଜଳବାୟୁ କାର୍ଯ୍ୟକର୍ତ୍ତାମାନେ ଏହି ପରିସ୍ଥିତିକୁ ନେଇ ଗଭୀର ଭାବରେ ନିରାଶ। ସେମାନେ ଆଶା କରିଥିଲେ ଯେ ଅତ୍ୟଧିକ ପାଣିପାଗ ଘଟଣାଗୁଡ଼ିକ ଜନସାଧାରଣଙ୍କୁ ଜଳବାୟୁ କାର୍ଯ୍ୟପାଇଁ ପ୍ରେରିତ କରିବ, କିନ୍ତୁ ଏହା ଘଟୁନାହିଁ । ଜର୍ମାନୀର ଜଣେ କାର୍ଯ୍ୟକର୍ତ୍ତା ଲୁଇସା ନିୟୁବାଉର୍ କହିଛନ୍ତି ଯେ ଆମେ ଜଳବାୟୁ ସମ୍ବନ୍ଧରେ 'ସତ୍ୟର ଯୁଦ୍ଧ' ଏବଂ 'ଭାଷାର ଯୁଦ୍ଧ' ରେ ଅଛୁ । ୟୁରୋବାରୋମିଟର ସର୍ଭେ ଅନୁଯାୟୀ, ୮୫% ରୁ ୯୩% ୟୁରୋପୀୟ ନାଗରିକ ଜଳବାୟୁ ପରିବର୍ତ୍ତନକୁ ଏକ ଗମ୍ଭୀର ସମସ୍ୟା ଭାବରେ ବିବେଚନା କରନ୍ତି । ଏପରିକି, ୯୦% ଲୋକ ବିଶ୍ୱାସ କରନ୍ତି ଯେ ଅତ୍ୟଧିକ ପାଣିପାଗ ଘଟଣାଗୁଡ଼ିକ ଖାଦ୍ୟ ଯୋଗାଣ ଉପରେ ପ୍ରଭାବ ପକାଇପାରେ । ୫୫% ୟୁରୋପୀୟ ନାଗରିକ ହିଟ୍ ୱେଭ୍‌ର ଶିକାର ହୋଇଛନ୍ତି, ଯେଉଁଥିରେ ସ୍ପେନରେ ୭୩% ଏବଂ ରୋମାନିଆରେ ୭୧% ଲୋକ ଅନ୍ତର୍ଭୁକ୍ତ । ଏହି ସବୁ ତଥ୍ୟ ସତ୍ତ୍ୱେ, ନିର୍ଦ୍ଦିଷ୍ଟ ଜଳବାୟୁ ନୀତିଗୁଡ଼ିକ ପାଇଁ ସମର୍ଥନ ହ୍ରାସ ପାଉଛି, ଯାହା ଏକ ବଡ଼ ବିଡମ୍ବନା।

ଏହି ଚିନ୍ତାଜନକ ଧାରା ଯଦି ଜାରି ରହେ, ତେବେ ଏହାର ଦୂରଗାମୀ ପରିଣାମ ଭୟାବହ ହେବ । ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପରିବେଶ ଉପରେ ନୁହେଁ, ବରଂ ଅର୍ଥନୀତି, ସ୍ୱାସ୍ଥ୍ୟ ଏବଂ ସାମାଜିକ ସ୍ଥିରତା ଉପରେ ମଧ୍ୟ ପଡ଼ିବ । ସୁଯୋଗବାଦୀ ରାଜନୈତିକ ନେତାମାନଙ୍କୁ ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ ଏବଂ ଜଳବାୟୁ ବିରୋଧୀ ନୀତିଗୁଡିକୁ ନିଜ ରାଜନୀତିକ ଲାଭ ପାଇଁ ବ୍ୟବହାର କରିବାରୁ ବିରତ ରହିବାକୁ ପଡ଼ିବ । କେବଳ ଅତ୍ୟଧିକ ପାଣିପାଗ ଘଟଣାଗୁଡ଼ିକୁ ସହ୍ୟ କରିବା ପରିବର୍ତ୍ତେ, ସେଗୁଡ଼ିକର ମୂଳ କାରଣକୁ ସମାଧାନ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ଏହି 'ସତ୍ୟର ଯୁଦ୍ଧ'ରେ ବିଜୟ ହାସଲ କରିବା ପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ, ନଚେତ୍ ଭବିଷ୍ୟତ ପିଢ଼ି ପାଇଁ ଏକ ଅସୁରକ୍ଷିତ ପୃଥିବୀ ଛାଡ଼ିଯିବାର ବିପଦ ରହିଛି।

# ମହାପ୍ରଭୁଙ୍କ ନୀଳାଦ୍ରିବିଜେ



ଡକ୍ଟର ତପନ କୁମାର ପାଳ

ମହାପ୍ରଭୁଙ୍କ ରଥଯାତ୍ରାର ଶେଷ କାର୍ଯ୍ୟକ୍ରମ ହୋଇଥାଏ ନୀଳାଦ୍ରି ବିଜେରେ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଏହି ନୀତିକାନ୍ତିର ପରମ୍ପରା ରହି ଆସିଛି। ଏହାର ବିଧି ବିଧାନ ଅନୁଯାୟୀ ଶ୍ରୀମନ୍ଦିର ରତ୍ନବେଦୀକୁ ମାଉସୀମାଆ ଘରୁ ଫେରି ଠାକୁରମାନେ ବିଜେ ହୋଇଥାନ୍ତି। ସଂଧ୍ୟା ଧୂପ ଶେଷ କାର୍ଯ୍ୟକ୍ରମ ପରେ ବିଜେ କାହାଳୀ ପହଣ୍ଡି କାର୍ଯ୍ୟକ୍ରମର ସୂଚନା ଦେଇଥାଏ। ନୀଳାଦ୍ରିବିଜେରେ ଠାକୁରଙ୍କ ପାଇଁ ଟାହିଆ ପରମ୍ପରା ଅନୁଯାୟୀ ରାଘବଦାସ ମଠ ଯୋଗାଇଥାନ୍ତି। ରତ୍ନ ସିଂହାସନର ତ୍ରିମୁଣ୍ଡିରେ ଏକ ସୁସଜ୍ଜିତ ଚାନ୍ଦୁଆ ବନ୍ଧା ଯାଇ ବିଧି ମୁତାବକ ଅଖଣ୍ଡ ବଇଠା ବସିଥାଏ ଏବଂ ଏହାପରେ ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇ ସିଂହାସନକୁ ଆଗମନ କରିଥାନ୍ତି।

ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଚାରମାଳ ଉପରକୁ ଓହ୍ଲାଇବା ପରେ ଦେବୀ ଲକ୍ଷ୍ମୀ ଠାକୁରାଣୀ ଦେବଦାସୀଙ୍କ ସହ ଭେଟ ମଣ୍ଡପରେ ସାକ୍ଷାତ ଓ ବିଜେର ପରମ୍ପରା ରହିଛି। ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରକୁ ମହାପାତ୍ରେ ଏହାଙ୍କର ବନ୍ଦାପନା କରନ୍ତି। ଲକ୍ଷ୍ମୀ ଭଣ୍ଡାରଘରକୁ ବିଜେ କରନ୍ତି। ଏହାପରେ ଦେବଦାସୀ ଯାଇ ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାରକୁ ଆସିବାପୂର୍ବରୁ ଦରଜା ବନ୍ଦ କରିଦେଇଥାଆନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ଫିଟାଇ ଦିଅନ୍ତ। ତା'ପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି। 'ନୀଳାଦ୍ରିବିଜେ' ଦିନ ଶ୍ରୀଜୀଉଙ୍କ ପାଇଁ ଯେଉଁ ଲୁଗାପଟା ବ୍ୟବହାର ହୋଇଥାଏ ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ସେ ସବୁ ବର୍ଣ୍ଣିତ ରହିଛି। ସଂଗୃହୀତ ତଥ୍ୟ ଅନୁଯାୟୀ ସେଗୁଡ଼ିକ ହେଉଛି ସିଙ୍ଗଡ଼ା ୧ ଗଜକୁ ନେତାଫିଟା ଶାଢ଼ି, ଭିତରଟେରାକୁ ପତନିଫେଟା ଶାଢ଼ି, ବାହରଟେରାକୁ ପତନି ଶାଢ଼ି,ମେକାପ, ସିଂହାସନ ପୋଛାକୁ ଶ୍ରୀକାପଡା, ପୁଷ୍ପାଞ୍ଜଳି, ଚକାପୋଛା ଓ ରୁନ୍ଧାକୁ ଶ୍ରୀକାପଡ଼ା, ପୂଜାପଣ୍ଡା ଚାର ଆଜ୍ଞାମାଳକୁ ଶ୍ରୀକାପଡ଼ା, କଟି ସୂତ୍ରକୁ ପତନି ଶାଢ଼ି, ଲୋକନାଥେ ଓ ଜମ୍ବେଶ୍ୱରଙ୍କ କାହାଳିଆ ପତନି ଫେଟା, ତିନିଥର ସେନାପଟି ଲାଗିକୁ ପତିନଶାଢ଼ି ଓ ଖଣ୍ଡୁଆ, କେନ୍ଦୁଲି ଶାଢ଼ି ଖଣ୍ଡୁଆ, ଶ୍ରୀ ଅଙ୍ଗଲାଗି ବେଶ ଶାଢ଼ି, ଗରୁଡ଼ ଶୟନକୁ ଦେଶୀ ଶ୍ରୀକାପଡ଼ା, ଚେମେଡ଼ି, ରଥ ବାହୁକନେବା କେନ୍ଦୁଲି ଶାଢ଼ି, ଚକ୍ରବୁଲା ଏକାଦଶୀ ଓ ଶାଳଗ୍ରାମ ବନ୍ଧାକୁ ପତନିଶାଢ଼ି ପ୍ରଭୃତି।



'ନୀଳାଦ୍ରିବିଜେ' ପରଦିନ ଶ୍ରୀଜୀଉ ରତ୍ନବେଦୀରେ ବିଜେ କରିବା ପରେ ଭକ୍ତଜନ ମହାପ୍ରସାଦ ଟିକିଏ ପାଇବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଥାନ୍ତି। ଏହି ଦିନ ଯେଉଁ ଅନ୍ନ ମହାପ୍ରସାଦ ବା ଅଭଡ଼ା ଅର୍ପଣ ହୋଇଥାଏ ଏହାକୁ ନୀଳାଚଳ ଅବଢ଼ା ବୋଲି କହନ୍ତି। ସେଥିରୁ କାଣିଚାଏ ପାଇବା ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମନରେ ଅପୂର୍ବ ଉତ୍କଣ୍ଠା ଓ ଆବେଗ ଜାତ ହୋଇଥାଏ।

+ଏସବିଆଇ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

# 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି'



ସୌର ଚନ୍ଦ୍ର ମହାପାତ୍ର

'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି - 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।' ବିଶ୍ୱର ସବୁଧର୍ମ - ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିର ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବ ମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ।

ଜଗନ୍ନାଥ ହେଉଛନ୍ତି କ୍ଷର, ଅକ୍ଷର ବା ବିଦ୍ୟା ଓ ଅବିଦ୍ୟାର ନିୟାମକ। ସେଥିପାଇଁ ସେ ଲୋକଶ୍ରେଷ୍ଠ ବା ପୁରୁଷୋତ୍ତମ। ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ। ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ। ବେଦଠାରୁ ପୁରାଣ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସଂପର୍କରେ ଯେଉଁ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ, ସେଥିରୁ ତାଙ୍କର ଉତ୍ସ ଓ ବର୍ତ୍ତିତ ରୂପ ସଂପର୍କରେ ସ୍ଥୂଳଧାରଣା ସୃଷ୍ଟି ହୋଇଥାଏ। ସେ ଯେଉଁ ଧାମରେ ବିଜେ କରିଛନ୍ତି ତାହା ଶ୍ରେଷ୍ଠ ଧାମ। ସେ ପୂର୍ଣ୍ଣତା ନିଶ୍ଚୟ ଆଧାତ୍ମିକ କ୍ଷେତ୍ରରେ, ତା ନହେଲେ ଏମିତି ତ ମଣିଷ ସବୁକିଛି ପାଇବାର ଯେଉଁ ଅବଦମିତ ତୃଷ୍ଣା ତାହା ତ କେବେ ପୂର୍ଣ୍ଣ ହେବାର ନୁହେଁ। ଯେହେତୁ ଏଠାରେ ପୂର୍ଣ୍ଣବ୍ରହ୍ମ ବିରାଜିତ ବୋଧ ହୁଏ ସେଇଥିପାଇଁ ଏହା ଏକ ପୂର୍ଣ୍ଣ ସହର, ଯେଉଁଠାରେ ସବୁକିଛି ପୁରୀ ରହିଅଛି। ତେଣୁ ଶ୍ରୀକ୍ଷେତ୍ରପୁରୀ ସାମାନ୍ୟ ଏକ ମାଟିର ଭୂଖଣ୍ଡ ନୁହେଁ। ଏ ସହର ହେଉଛି ଏକ ଭାବର ସହର। ଏଠି ମାଟି, ଗୋଡ଼ି, ପାଣି, ପବନ, ଗଛଲତା ସବୁ ଯେପରି ଜୀବନ୍ତ। ପ୍ରତ୍ୟେକ ଯେଭଳି ଆତ୍ମୀୟତାର ଡୋରରେ ବନ୍ଧା। ସ୍ୱୟଂ ଶ୍ରୀ ଜଗନ୍ନାଥ ମଧ୍ୟ କେବଳ ଏକ କାଠର ଗଣ୍ଡି ନୁହନ୍ତି, ସେ ମଧ୍ୟ ସାଧାରଣ ମଣିଷର ସୁଖଦୁଃଖରେ ଅଂଶୀଦାର। କାହାଘରେ ଛୁଆଟିଏ ଜନ୍ମ ନେଉ ବା ବିବାହ - ବ୍ରତ ହେଉ ବୋଧହୁଏ ଓଡ଼ିଶାରେ ଆଉ କେଉଁଠି କ'ଣ ହେଉଛି କହିହେବ ନାହିଁ। ଶ୍ରୀକ୍ଷେତ୍ରରେ ଏଭଳି କୌଣସି ପରିବାର ବା ବ୍ୟକ୍ତି ବିଶେଷ ନାହିଁ ଯିଏ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରିନଥାନ୍ତି।

ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି। ଶ୍ରୀଜଗନ୍ନାଥ କେବଳ ନୁହନ୍ତି ସମସ୍ତ ଦେବଦେବୀ ପୂଜାରେ ମାନବବାଦ ଅତି ପରିସ୍ଫୁଟ। ମଣିଷ ଜୀବନ ଦୁର୍ଲ୍ଲଭ ଏବଂ ମଣିଷ, ପଶୁ, ପକ୍ଷୀ, ତରୁଲତା ସମସ୍ତ ଜୀବ ସୃଷ୍ଟି ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି। ତହୁଁ ମଣିଷର ମଙ୍ଗଳ ବିଧାନ ମଣିଷର ସମସ୍ତ ସାମାଜିକ ଓ ଆଧାତ୍ମିକ ତତ୍ତ୍ୱର ମୂଳକେନ୍ଦ୍ର। ପ୍ରତିମା ପୂଜାରେ ମଧ୍ୟ ଏହି ମାନବବାଦ ପ୍ରତିଫଳିତ। ମଣିଷ ମନ ଅନୁସାରେ ଦେବତା। ଭକ୍ତର ଯେଉଁ ରୂପରେ ଭଗବାନଙ୍କୁ ଦେଖିବା ଇଚ୍ଛା, ସେହି ରୂପରେ ଭଗବାନ ଆବିର୍ଭାବ ହୁଅନ୍ତି। ଭଗବାନ ମାନବ ରୂପରେ ଅବତାର ଗ୍ରହଣ କରିଛନ୍ତି। ଶ୍ରୀରାମ ଶ୍ରୀକୃଷ୍ଣ, ବୁଦ୍ଧ ଏହି ସମସ୍ତ ଅବତାର ମାନବର। ତେଣୁ ପ୍ରତିମା ପୂଜାରେ ଏହି ମଣିଷର ନାନା ଆଚାର, ବ୍ୟବହାର ପ୍ରତିଫଳିତ ହେବା ସ୍ୱାଭାବିକ। ଶ୍ରୀଜଗନ୍ନାଥଙ୍କର ନାନା ପୂଜା ପର୍ବପର୍ବାଣୀ ମଧ୍ୟରେ ଏହି ମାନବବାଦର ଆଦର୍ଶ ପ୍ରତିଫଳିତ। ଶ୍ରୀଜଗନ୍ନାଥଙ୍କ ପୂଜା ପାର୍ବଣ, ପର୍ବ ପାର୍ବଣ ବିଶ୍ଳେଷଣ କଲେ ଏହି ମାନବବାଦ ତତ୍ତ୍ୱ ପ୍ରକଟିତ ହୋଇଥାଏ। ପ୍ରକୃତି ମଧ୍ୟ ପ୍ରଚ୍ଛଦପଟ ଭାବରେ ନାନା ପର୍ବପର୍ବାଣୀକୁ ମଧୁର ଓ ଆନନ୍ଦଦାୟକ କରିଥାଏ। ସକଳ ଧର୍ମ, ସକଳ ଦର୍ଶନ, ସକଳ ସଂସ୍କୃତିର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ -
୧୦୮୭/ଡ଼ି, ସେକ୍ଟର-୬, କଟକ
ମୋ: ୯୪୩୭୦୦୪୪୬୬

# ବାଲେଶ୍ୱର ରାଜ୍ୟର ସପ୍ତମ ମହାନଗର ନିଗମ ହେବ କି ?



ସୁବ୍ରତ କର

ଏଇଟା ଠିକ୍ ଆମ ମୁଖ୍ୟମନ୍ତ୍ରୀ ଚାହିଁଲେ ହେବ । କିନ୍ତୁ ସେ ଚାହୁଁ ନାହାନ୍ତି କାହିଁକି ? ମୋର ମନେ ହୁଏ ତାଙ୍କର ବାଲେଶ୍ୱର ଏବଂ ବାଲେଶ୍ୱର ବାସୀଙ୍କ ପ୍ରତି ଭଲ ପାଇବାର ଅଭାବ ରହିଛି । ହଁ ଏଇଟା ମଧ୍ୟ ଠିକ୍ କଥା ମୁଖ୍ୟମନ୍ତ୍ରୀ ଆମ ଜିଲ୍ଲାକୁ ପ୍ରାୟ ତିନି ଚାରିଥର ଆସିଛନ୍ତି କିନ୍ତୁ ତାଙ୍କର ଗୋଟାଏ ମଧ ତା' ଭିତରେ ସରକାରୀ କାର୍ଯ୍ୟକ୍ରମ ନଥିଲା । ବାଲେଶ୍ୱର ବାସୀଙ୍କ ଅନୁରୋଧ ରହିଲା ସେ ଅନ୍ତତଃ ଥରେ ସରକାରୀ ଗସ୍ତରେ ଆସିଲେ ଆମ ଜିଲ୍ଲା ବିଶେଷ ଭାବରେ ଉପକୃତ ହୋଇ ପାରନ୍ତେ । ଆମେ ସମସ୍ତେ ଜାଣିଛୁ ଇଂରେଜ ଶାସନ ଅମଳରେ ଆମ ରାଜ୍ୟ କଟକ, ପୁରୀ ଏବଂ ବାଲେଶ୍ୱର ମଧ୍ୟରେ ସ୍ଥିତ ଥିଲା । ଆଉ ସବୁ ଜିଲ୍ଲା ପ୍ରାୟ ରଜା ରାଜୁଡ଼ିଙ୍କ ଦ୍ୱାରା ଶାସିତ ହେଉଥିଲା । ଏହା ଭିତରେ ସରକାରଙ୍କ ଦୃଷ୍ଟିକୁ ଆସି କଟକ ପୁରୀ ବେଶ୍ ଆଗେଇ ଚାଲିଛି କିନ୍ତୁ ଆମ ଜିଲ୍ଲା ସବୁ କ୍ଷେତ୍ରରେ ପଛେଇ ରହିଯାଇଛି । ଗୋଟାଏ ସମୟ ଥିଲା ରାଜ୍ୟରେ ଆମ ଜିଲ୍ଲାକୁ ଧାନ, ମୀନ ଏବଂ ପାନର ଜିଲ୍ଲା କୁହାଯାଉଥିଲା, ଶିକ୍ଷିତ ସଂଖ୍ୟାରେ ମଧ୍ୟ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବରେ ଗଣା ହେଉଥିଲା କିନ୍ତୁ ଏବେ ସବୁ କ୍ଷେତ୍ରରେ କାହିଁକି ପଛୁଆ ? ରାଜନୈତିକ ଦୃଷ୍ଟିକୋଣରୁ ଆମ ଜିଲ୍ଲା (ଅବିଭକ୍ତ) ଦୁଇ, ଦୁଇଜଣ ମୁଖ୍ୟମନ୍ତ୍ରୀ ଦେଇ ପାରିଛି । ଏହି ଜିଲ୍ଲାରୁ ଅତି ଟାଣୁଆ ଏବଂ ଭଲ ଭଲ ନେତା ବାହାରିଛନ୍ତି । ଗୋଟିଏ ସମୟରେ ବାଲେଶ୍ୱର ଶିକ୍ଷ କ୍ଷେତ୍ରରେ ମଧ (ଜାନକି ବାବୁଙ୍କ ସମୟରେ) ବହୁତ ଆଗୁଆ ଥିଲା । ଚାନ୍ଦିପୁର ସମୁଦ୍ର, ଡଗରା ବିଚ୍, ପଞ୍ଚଲିଙ୍ଗେଶ୍ୱର, ରେମୁଣା ମନ୍ଦିର, ଭୋଗରାଇ ଶିବ ମନ୍ଦିର ସମସ୍ତଙ୍କୁ ଆକର୍ଷିତ କରୁଥିଲା । ଏବେ କାହିଁକି ଆଜି ଜିଲ୍ଲାକୁ କେହି ପଚାରୁ ନାହାନ୍ତି । ରାଜ୍ୟର ପ୍ରାୟ ସବୁଠୁ ପୁରୁଣା ଉଡ଼ାଜାହାଜ ଉଡ଼ାନକୁ (ଏବେ ମୟୂରଭଞ୍ଜ ଜିଲ୍ଲାରେ) କେହି ଦୃଷ୍ଟି ଦେବାର ନାହିଁ । ଏବେ ପୁରୀ ପାଇଁ ସମସ୍ତେ ଲାଗିଛନ୍ତି । ଠିକ ଅଛି ପୁରୀରେ ହେଉ ଏବଂ ସେହିପରି ଜିଲ୍ଲାକୁ ଲାଗିଥିବା ଏହି ଉଡାନକୁ କାର୍ଯ୍ୟକ୍ଷମ କରାଗଲେ କ୍ଷତି କଣ ? ଆମେ ଶୁଣିଛୁ କଲିକତା ସହର ଏବଂ ବନ୍ଦର ହେବା ପୂର୍ବରୁ ଇଂରେଜ ମାନେ ବାଲେଶ୍ୱରକୁ ପ୍ରଥମେ ଆସିଥିଲେ ଏବଂ ଠିକ୍ କରିଥିଲେ ବାଲେଶ୍ୱରଠାରେ ବନ୍ଦର ସ୍ଥାପନ କରିବେ, କିନ୍ତୁ ସେ ସମୟରେ କଣ ହେଲା ସେମାନେ କଲିକତାକୁ ପସନ୍ଦ କଲେ ଏବଂ କଲିକତା ସହର ଦେଶର ବୃହତ୍ତମ ସହରର ମାନ୍ୟତା ପାଉଛି । ଆଉ ଗୋଟାଏ କଥାକୁ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏ ପର୍ଯ୍ୟନ୍ତ ଆମ ଷ୍ଟେସନ୍ ଏବେ ବି ଦକ୍ଷିଣ ପୂର୍ବରେ ରେଲୱେ ଅକ୍ତିଆରରେ ଅଛି ଏବଂ ଖୋର୍ଦ୍ଧା ଭିତରକୁ ଆସିପାରି ନାହିଁ । ଆହୁରି ଦୁଃଖର କଥା ଏବେ ଆମ ରେଲୱେ ମନ୍ତ୍ରୀ ଗୋଟାଏ ସମୟରେ ଏହି ଜିଲ୍ଲାକୁ କଲେକ୍ଟର ଥିଲେ । ବାଲେଶ୍ୱରରେ ଗୋଟାଏ ଆଖି ଦୃଶିଆ ଖେଳ ପଡ଼ିଆ ନାହିଁ, ଭଲ ପାର୍କ ନାହିଁ, ଲୋକ ବସିବା ପାଇଁ ,କ ଅଡିଟେରିଓମ୍ ନାହିଁ, ଏବେବି ମୃତ ଶରୀରକୁ କାଠରେ ପୋଡ଼ା ହେଉଛଇ । ଯାହା କିଛି ଅଛି ସବୁ ସାଧାରଣ ଜନତା ଲଢ଼ିକରି ରଖିଛନ୍ତି ସେ ୟୁନିଭରସିଟି ହେଉ ବା ମେଡିକାଲ କଲେଜ । ଭାରତ ସରକାର ହେଉ ବା ରାଜ୍ୟ ସରକାରଙ୍କ ଦ୍ୱାରା ଏବେ ବି ଆଖି ଦୃଶିଆ କିଛି ପ୍ରକାରର ଅନୁଷ୍ଠାନ ଗଢ଼ି ଉଠିନାହିଁ। ଏହା ପାଇଁ ଦାୟୀ କିଏ ? ସାଧାରଣ ଜନତା, ଜନ ପ୍ରତିନିଧି ନା ସରକାର ନିଜେ । ବହୁତ ଦିନରୁ ଚେଷ୍ଟା ହେଉଥିବା ବାଲେଶ୍ୱର ସହରକୁ କୋରପରେସନ୍ କରିବା ପାଇଁ କିନ୍ତୁ ସେ ବି ହେଇପାରୁ ନାହିଁ । ଠିକ୍ ଅଛି ଏବେ ତ ପୁରୀ ସହର ମହାନଗର ନିଗମରେ ପରିଣତ ହେଲା ଭଲ ହେଲା, କିନ୍ତୁ ଆମେ ବାଲେଶ୍ୱର ବାସୀ ଅପେକ୍ଷାରେ ରହିଲୁ ବାଲେଶ୍ୱର କେବେ ମହାନଗର ନିଗମ ହେବ ?




## ନିଜକୁ ଆଉଥରେ

ଗଜାନନ ମିଶ୍ର

ରାମ ବାଗ କି ରାମ ବେହେରା,
କହୁଛ କାହା କଥା !
ରାମ ବନଛୋର ପଢେ କବିତା
ମନଦେଇ ପଢେ ଆଉ
ବୁଝେ ସୀତା।

ରାମ ଆଉ ସୀତା ଉଭୟଙ୍କୁ
ଜାଣୁ ଆମେ ବିବିଧ ଭାବରେ।
ଆଶ୍ଚର୍ଯ୍ୟ ଆଉ ଆନନ୍ଦରେ
ଆମେ ବିହ୍ୱଳ ସେତେବେଳେ
ବଂଚିବାର ନାମରେ।

ଅଛି ଅଗ୍ନି ଏଠାରେ,
ଚାଲିଛି ପରୀକ୍ଷା ପ୍ରତିମୁହୂର୍ତ୍ତରେ
ନିଜ ନିଜ ଦେହରେ
ନ ହୋଇ ସ୍ୱାର୍ଥପର କେବେ।
କହିବାକୁ ପଚାରିବାକୁ ନ ଥିଲାବେଳେ
ଆସ ଦେଖିନେବା ନିଜକୁ ଆଉଥରେ।

+ତପୋବନ,
ଟିଟିଲାଗଡ, ବଲାଙ୍ଗିର

## ଶ୍ରୀଜୀଉଙ୍କ ସୁନାବେଶ

ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତ



ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ
ସେବକ ସାଥିରେ ରଥେ ବସିଛନ୍ତି
ଝଲସଇ ଅଙ୍ଗ ଦେଶ
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
ହରିଶୟନ ଏକାଦଶୀ ଆଜି
ହୋଇଛନ୍ତି ସୁନାବେଶ
ମହଣ ମହଣ ସୁବର୍ଣ୍ଣ ନାଇଣ
ଭକ୍ତକୁ କରନ୍ତି ବଶ
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
ରେବତୀ ରମଣ ପ୍ରଭୁ ଶଙ୍କର୍ଷଣ
ବସିଛନ୍ତି ତାଳଧ୍ୱଜେ
ସୁବର୍ଣ୍ଣ ପୟର ହଳ ଯେ ମୂଷଳ
ଧରିଛନ୍ତି ବେନି ଭୁଜେ
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
କର୍ଣ୍ଣରେ କୁଣ୍ଡଳ ଶିରରେ କିରୀଟ
ତିଳକ ଚନ୍ଦ୍ରିକା ମୁଖେ
ଗଳାରେ ଘାଗଡ଼ା କଦମ୍ବର ମାଳି
କେତେ ମାଳି ଆଖେ ପାଖେ
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
ଆଭୂଷଣ ପ୍ରିୟ ଆମ କଳାଦିଅଁ
ନନ୍ଦିଘୋଷେ ହସୁଅଛି
ଶ୍ରୀପୟର ଭୁଜ କମରରେ ପଟି
ଝୋବାକଣ୍ଠି ଲମ୍ବାଇଛି
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
ଚକ୍ର ରୁପା ଶଙ୍ଖ ହାତରେ ଧରିଛି
ଓଡିଆଣୀ ଆଭୂଷିତ
ସୁବର୍ଣ୍ଣ ମୁକୁଟ ମଥାରେ ବାନ୍ଧିଛି
ପିନ୍ଧିଛି ତାବିଜ ସେ'ତ
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
ହରିଦ୍ରା ବଦନୀ ଦେବକୀ ନନ୍ଦିନୀ
ସୁଭଦ୍ରା ଶକ୍ତି ସ୍ୱରୂପା
ଦେବଦଳନରେ ଆସୀନା ହୋଇଛି
ଦିଶଇ ସେ' ଅପରୂପା
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।
କଦମ୍ବ ସେବତୀ ତଗଡ଼ି ଦୁଇଟି
ଚନ୍ଦ୍ରସୂର୍ଯ୍ୟ ଓଢ଼ିଆଣୀ
ମୁଣ୍ଡରେ କିରୀଟ ଗଳାରେ ଘାଗଡ଼ା
ହୋଇଛି ମାଆ ମଣ୍ଡଣି
ପ୍ରାଣ ସଜନୀ ଲୋ !
ଦେଖ, ଚତୁର୍ଦ୍ଧା ମୂରତି ବେଶ ।

+ଆସିକା, ଗଞ୍ଜାମ

# ଅନ୍ତରାତ୍ମା

ମୂଳ ହିନ୍ଦୀ- ଆଶୁତୋଷ ରାଣା
ଅନୁସୃଜନ- କସ୍ତୁରୀ ଚରଣ ରାଉତ

କାଲି ଜଣେ ତାନ୍ତ୍ରିକ ପରି ବ୍ୟକ୍ତିଙ୍କୁ ଭେଟିଥିଲି। ବର୍ତ୍ତମାନ ଆପଣ କହିବେ ଏହି ତାନ୍ତ୍ରିକ ପରି ବ୍ୟକ୍ତି କ'ଣ ? ଖାଲି ତାନ୍ତ୍ରିକ କହିଥିଲେ ତ ଚଳିଥାନ୍ତା, ନୁହେଁ କି ?

ଏହାର କାରଣ ହେଉଛି ଯେ ସେ ବୃତ୍ତିରେ ଜଣେ ଯନ୍ତ୍ରୀମାନେ ଇଞ୍ଜିନିୟର, ତନ୍ତ୍ରର ସେବକ ମାନେ ପ୍ରଶାସନିକ ଅଧିକାରୀ ଏବଂ ତାଙ୍କର ଅନେକ ପ୍ରକାରର ମନ୍ତ୍ର ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଅଛି ।

ମୁଁ ତାଙ୍କୁ କହିଲି ଭାଇ, ଆପଣ ତ ପ୍ରତ୍ୟେକ କ୍ଷେତ୍ରର ବିଶେଷଜ୍ଞ, ତେଣୁ ଆପଣଙ୍କୁ କ'ଣ କହିବି ମୁଁ ଜାଣିପାରୁନି, ବଡ଼ ଅସୁବିଧାରେ ପଡିଛି ? ଆପଣଙ୍କୁ କେଉଁ କ୍ଷେତ୍ରର ବିଶେଷଜ୍ଞ ଭାବରେ ବିବେଚନା କରିବା ଉଚିତ୍ ହେବ ?

ସେ ଜୋରରେ ହସି କହିଲେ- ମୁଁ ତନ୍ତ୍ର ମାନେ ପ୍ରଶାସନ ପାଇଁ କାମ କରେ । ସେଇଥିରୁ ଯାହା ରୋଜଗାର କରେ, ମୋ ପରିବାର ପ୍ରତିପୋଷଣ କରେ । ତେଣୁ ତୁମେ ମୋତେ ତାନ୍ତ୍ରିକ ବୋଲି କହିପାର ।

ଆଲୋଚନା ମାଆ (ଜନ୍ମଦାତ୍ରୀ ଓ ମାତୃଭୂମି ) ଠାରୁ ଆରମ୍ଭ ହେଲା ଏବଂ ଆତ୍ମା, ପୁଣ୍ୟାତ୍ମା, ପାପାତ୍ମା, ମହାତ୍ମା ଏବଂ ପରମାତ୍ମାକୁ ଧରି ଅନ୍ତାରାତ୍ମାରେ ପରିସମାପ୍ତି ହେଲା ।

ମୁଁ କହିଲି ଭାଇ, ଏହି ଅନ୍ତାରାତ୍ମା କ'ଣ ? ଏହା ସତରେ ଅଛି ନା ଆମେ କେବଳ ଏହା ବିଷୟରେ କଥାବାର୍ତ୍ତା ଜାରି ରଖିଛୁ ? କାରଣ ମୋର ଦୀର୍ଘ ଜୀବନ ଅତିବାହିତ ହେଲାଣି, କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ମୋର ଅନ୍ତାରାତ୍ମାକୁ ଭେଟି ନାହିଁ ! ଯେତେବେଳେ କି ଅନେକ ଥର, ମୁଁ ନିଶ୍ଚିତ ଭାବରେ ଅନ୍ୟ ଲୋକଙ୍କ ଅନ୍ତାରାତ୍ମାକୁ ଭେଟିଛି, କିଛି ବନ୍ଧୁ ମୋତେ ତାଙ୍କର ସୁପ୍ତ ଅନ୍ତାରାତ୍ମାର ଦର୍ଶନ ଦେଇଥିଲେ, ଯେତେବେଳେ କି କେତେକଙ୍କ ଅନ୍ତରାତ୍ମା ମୋତେ ଦେଖିବା ପରେ ଜାଗ୍ରତ ହୋଇ ଉଠିଲା, ଏବଂ ମୋର କ୍ଷତି କରିବା ପରେ ସେ ଚାଲିଗଲା । ପରେ, କ୍ଷତିକାରକ ବନ୍ଧୁ କ୍ଷମା ମାଗିଲେ ଏବଂ କହିଥିଲେ ଯେ ତୁମେ ମୋର ଗଭୀର ନିଦରେ ଶୋଇଥିବା ଅନ୍ତାରାତ୍ମାକୁ ଜାଗ୍ରତ କଲ, ତେଣୁ ସେ ଖରାପ ଭାବିଲା ଏବଂ ତୁମର କ୍ଷତି କଲା , ଏଥିରେ ମୋର କିଛି ଦୋଷ ନାହିଁ । ମୁଁ ଏବେ ବି ତୁମର ପ୍ରକୃତ ବନ୍ଧୁ ।

ମୋ ସାଙ୍ଗରେ ମୋର ଅନ୍ତରଙ୍ଗ ବନ୍ଧୁ ରଘୁ ଥିଲା । ସେ ବି କହିଲା ଯେ ଭାଇ ଠିକ୍ କହିଛୁ, ମୁଁ ମଧ୍ୟ ଆଜି ପର୍ଯ୍ୟନ୍ତ ମୋର ଅନ୍ତାରାତ୍ମାକୁ ଦେଖି ନାହିଁ । ଦେଖିବା ତ ଦୂରର କଥା , ସେ ମୋ ସହ କଥା ହେବା ମଧ୍ୟ ଉଚିତ୍ ମନେ କରିନି, ଏହାର କାରଣ କ'ଣ ?

ତାନ୍ତ୍ରିକ କହିଲେ, ଭାଇ ଦେଖ, ଅନ୍ତାରାତ୍ମା ସମସ୍ତଙ୍କର ଅଛି, କିନ୍ତୁ ଯେପର୍ଯ୍ୟନ୍ତ ସେ ବିରୋଧୀ ଦଳରେ ଥାଏ, ସେ ବହୁତ କଥା କହେ। ମୁଁ ମଝିରେ ପଚାରିଦେଲି, ବିରୋଧୀର ଅର୍ଥ କ'ଣ ?

ତାନ୍ତ୍ରିକ ହସିଲା ଏବଂ କହିଲା ଏହାର ଅର୍ଥ ଯେତେବେଳେ ତୁମେ ଅସୁବିଧାରେ ପଡ଼ିଥିବ, ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରୁଥିବ ଏବଂ ବିପକ୍ଷକୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଥିବ । କିନ୍ତୁ ନିଜେ କ୍ଷମତାକୁ ଆସିବା ମାତ୍ରେ ଏହା ସମ୍ପୂର୍ଣ୍ଣ ନୀରବ ହୋଇଯାଏ ।

ବାସ୍ତବରେ ଅନ୍ତାରାତ୍ମା କେବେ କଥାବାର୍ତ୍ତା କରେ ନାହିଁ । ସେ ସୁପ୍ତ କିମ୍ବା ଜାଗ୍ରତ ଅବସ୍ଥାରେ ଥାଏ । ତା' ତରଫରୁ ମଣିଷ ହିଁ କଥା କହିଥାଏ । ଆଉ ଗୋଟିଏ କଥା ଶୁଣନ୍ତୁ :- ଆପଣଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇଯିବ।



... ଯେପର୍ଯ୍ୟନ୍ତ ଆପଣ ବିରୋଧୀ ଦଳରେ ଅଛନ୍ତି, ଆପଣଙ୍କ ଅନ୍ତାରାତ୍ମା ଜାଗ୍ରତ ରହିଥାଏ, କିନ୍ତୁ ଆପଣ କ୍ଷମତାକୁ ଆସିବା ମାତ୍ରେ ଏହା ହଠାତ୍ ଶୋଇପଡେ, ଏପରିକି ଆପଣଙ୍କ କାନ ପାଖରେ ଡ୍ରମ୍ ବଜାଇଲେ ବି ଏହା ଜାଗ୍ରତ ହୁଏ ନାହିଁ, ଏହା ଗଭୀର ନିଦରେ ଶୋଇ ରହିଥାଏ ।

ଏହି ସମୟରେ ତାଙ୍କର ଫୋନ୍ ରିଙ୍ଗ୍ ହେଲା । ସେ ଫୋନ୍ ଉଠାଇ ହଁ ହାଁ କହିଲେ ଏବଂ ଫୋନ୍ କାଟି ଝଡ଼ ବେଗରେ ଠିଆ ହୋଇ କହିଲେ :- ଠିକ୍ ଅଛି ଆମେ ପରେ ପୁଣି ଦେଖା ହେବା, ଏବେ ମୋତେ ଯିବାକୁ ପଡିବ । ମୋତେ ସାରଙ୍କ ମରୁଡ଼ି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର ଦାୟିତ୍ୱ ଦିଆଯାଇଛି। ମୁଁ ବି ଯିବାର ସୁଯୋଗ ଖୋଜୁଥିଲି ।

ଗଲାବେଳେ ରଘୁକୁ ପଚାରିଲି ଭାଇ, ସେ ଶାସକ ଓ ବିରୋଧୀ କଥା କହିଲେ । ତା'ର ଅର୍ଥ କ'ଣ ରାଜନୀତି ?

ରଘୁ ହସିଲା , କହିଲା ,ନା ଭାଇ, ମୁଁ ଯାହା ବୁଝିଲି ତାହା ହେଉଛି ଅନ୍ତରାତ୍ମାର ସମ୍ବନ୍ଧ ରାଜନୀତି ସହିତ ନୁହେଁ ବରଂ କୂଟନୀତି ସହିତ । ମୁଁ ଏକ ପ୍ରଶ୍ନିଳ ଆଖିରେ ରଘୁକୁ ପଚାରିଲି , କୂଟନୀତି ମାନେ ଡିପ୍ଲୋମାସି ?

ରଘୁ କେବଳ ଭୂବିଜ୍ଞାନୀ ନୁହେଁ , ଗ.ଇ.ଇ. ବି କରିଛି, ତେଣୁ ସେ ହସି ହସି କହିଲା - ଭାଇ, ଡିପ୍ଲୋମାସି କହିଲେ କୂଟନୀତି ନୁହେଁ, ଆମ ବିଶ୍ୱବିଦ୍ୟାଳୟରେ ଯେଉଁ କୂଟନୀତି ପଢା ଯାଉଥିଲା ତାହା ବି ନୁହେଁ । ବାସ୍ତବରେ ଜଣକୁ କାଟିକୁଟି ତଳିତଳାନ୍ତ କରିବା ପାଇଁ ଗ୍ରହଣ କରାଯାଉଥିବା ନୀତି ହେଉଛି କୂଟନୀତି ।

+ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ, ବଲାଙ୍ଗିର
ମୋ: ୮୯୧୭୩୯୭୩୪୮

# ନାଲିଫିତା

ଶିବରାମ ଦଳେଇ

ଏ ଝାଟିମାଟି କୁଡ଼ିଆ ଖଣ୍ଡକୁ ଛାଡିଦେଲେ ମୋତେ ସାଥ ଦେବାପାଇଁ କେହିବି ନାହାଁନ୍ତି । ବାପା ଚାଲିଯିବାର ଦୁଇ ମାସ ବିତି ଗଲାଣି । ଏ ଦୁଇ ମାସ ଭିତରେ ମୁଁ କେଇଦିନ ମୁଠେ ଖାଇଛି ଅବା କୋଉଦିନ ଉପାସ ତାହାର ହିସାବ ନାହିଁ ।

ବାପା ବଞ୍ଚିଥିବା ସମୟରେ କହୁଥିଲେ ମୁଁ କୁଆଡେ ହାତଭାଗାଟାଏ । ଛୋଟ ବୟସରେ ମାଆକୁ ହରେଇଛି ।

ମୋ ମୁହଁକୁ ଚାହିଁ ବାପା ଦ୍ୱିତୀୟ ବିବାହ କଲେ ନାହିଁ । ଶରୀରର ପ୍ରତ୍ୟେକ ରକ୍ତ ବିନ୍ଦୁକୁ ଝାଳ କରି ଉପାର୍ଜିତ ଧନସମ୍ପତିକୁ ଲଗେଇ ମୋତେ ମଣିଷଟିଏ କରିବାକୁ ଚେଷ୍ଟା କଲେ । ହେଲେ ମୁଁ ତ ଅଙ୍ଗାରଟାଏ ଯେତେ ମାଜିଲେ କଳାପାଣି, ସଫା ହେବି କେମିତି ? ସମୟର ତାଳ ଦେଇ ସାଙ୍ଗ ସଂଗତରେ ପଡି ବାପାଙ୍କ ଅର୍ଥ ତୃଷାରପାତ କଲି । ବାପା ବି ମୋ ଦେହରେ ଧୂଳି କଣିକାଟିଏ ପଡ଼ିବାକୁ ଦେଇ ନଥିଲେ । ତାଙ୍କର ଲକ୍ଷ୍ୟ ଥିଲା ପୁଅ ମୋର ସରକାରୀ ଚାକିରୀଟିଏ କରୁ। ମୋ ଭଳି ବାର ଓଳି ଶୁଣ୍ଢି ପିଣ୍ଡା ହେଇ ମାଟିକୁ ଚନ୍ଦନ ନ କରୁ ।

ହେଲେ ମୁଁ ପ୍ରତି ବଦଳରେ ଦେଲି ଯନ୍ତ୍ରଣା । ଯେଉଁ ଯନ୍ତ୍ରଣା ଜାଳି ଜାଳି ତାଙ୍କୁ ବନେଇ ଦେଲା କେଇମୁଠା ପାଉଁଶ ।

ଦୁଇ ଦିନ ହେଲା ଉପାସ । ବାପା ତ ମୋ ପଢ଼ା ପଛରେ ସବୁକିଛି ସାରି ଦେଇଛନ୍ତି । ରଖିଛନ୍ତି ଖାଲି ନୁଆଁଣିଆ ଛପର ଖଣ୍ଡକ । ସେ ବି ବାଆକୁ ବତା । ଘର ଛାଡି ବାହାରେ କାମ ଖୋଜିବାକୁ ମନେକଲି । ପେଟରେ ଦୁଇ ଦିନର ଭୋକ। ଆଜିକୁ ୨୪ ବର୍ଷ ଭିତରେ ୨୪ମିନିଟ ଖାଲି ନଥବା ପେଟ ବଡେଇ ଦେଉଥିଲା ବାପାଙ୍କ ଅକ୍ଳାନ୍ତ ପରିଶ୍ରମକୁ । ଭୋକରେ ଗୋଡ଼ ଏପଟ ସେପଟ ହେଇ ପଡୁଥାଏ। ଗାଁ ମୁଣ୍ଡ ବଜାରରେ ପହଂଚିଲି । ପ୍ରତିଦିନର ଦୋକାନ ନେପୁଆ ଭାଇକୁ କିଛି ଖାଇବାକୁ ମାଗିଲି । ନେପୁଆ ଭାଇ ପଚାରିଲେ ପଇସା ଅଛି । ମୁଁ ମନା କରିବାରୁ, ପ୍ରତିଦିନ ଦୋକାନରେ ପହଞ୍ଚିବା କ୍ଷଣି ମାଗିବା ପୂର୍ବରୁ ହାତକୁ ବରା ଇଟିଲି ପ୍ଲେଟ ବଢ଼ାଇ ଦେବା ହାତଟା, ହାତ ହଲେଇ ଦେବା ପାଇଁ ମନା କଲା । ସରକାରୀ କଳରୁ ଆଞ୍ଜୁଳାଏ ପାଣି ପିଇ ଫେରି ଆସିଲି ।



ଲମ୍ବା ଚଉଡ଼ା, ହଟ୍ଟାକଟା ଧୋବଧାବଳିଆ ଶରୀରଟା ସିନା ପାଇଛି । ହେଲେ ଚାଖଣ୍ଡେ ପେଟକୁ ମୁଠେ ଦାନା ପାଇଁ ଏ ଶରୀର ଯେପରି ଅକ୍ଷମ ସାଜି ସାରିଥିଲା । ମନେ ପଡ଼ିଲା ମୋ କଲେଜ ବେଳର ପୁରୁଣା ବନ୍ଧୁ କଥା । ଆର ଗାଁ ରେ ତା ଘର। ଶୁଣିଛି କୁଆଡେ ସେ ଗାଁରେ ତାର ବହୁତ ଖାତିରି । ଦୁଇ ମହଲା ଭଲ ଘର ଖଣ୍ଡେ କରିଛି । ଆଉ ଭୁବନେଶ୍ୱରରେ କଣ ଗୋଟେ ଭଲ ବିଜନେସ କରିଛି । କଥାରେ ଅଛି ନଦୀରେ ଭାସି ଯାଉଥିଲେ କୁଟା ଖିଅକୁ ଆସରା । କ୍ଷଣ ଆଶା ନେଇ ତା ଘରକୁ ବାହାରି ପଡ଼ିଲି । କୌଣସି ମତେ ପହଞ୍ଚି ଗଲି ତା ଘରେ । ମୋତେ ଦେଖି କୁଣ୍ଢେଇ ପକେଇଲା । ମୋ ଭୋକିଲା ପେଟର କ୍ଷୁଧାକୁ ବୋଧେ ପଢି ଦେଲା । ମୋ ପାଇଁ ଖାଇବା ଆଣି ଦେଲା । ଉଭୟ କ୍ଷଣିକ ଭିତରେ ପେଟପୁରା ଖାଇ ନେଲୁ । ତା ବିଶ୍ରାମ କୋଠରୀରେ ଉଭୟ ବସି ବାର୍ତ୍ତାଳାପ କଲୁ । ମୁଁ ମୋ କାହାଣୀ କହିଗଲି। ସେ ବି ଏକୁଟିଆ ହେବା ପରେ ଏତେ ବାଟ କେମିତି ଆସିଲା ତାହା ଗପି ଚାଲିଲା । ତା ବିଜନେସରେ ମୋତେ ଟିକିଏ ଜାଗା ଦେବାକୁ ଅନୁରୋଧ କଲି । ସେ କହିବାକୁ ଲାଗିଲା ଏ ଦୁନିଆଟା ଏତେ ସରଳ ନୁହେଁ । ଏଠି ସିଧା ଆଙ୍ଗୁଠିରେ ଘିଅ ବାହାରେନି । ଏ ଦୁନିଆରେ ବଞ୍ଚିବାକୁ ହେଲେ ... ଆଉ କିଛି କହିବା ଆଗରୁ ମୁଁ କହିଲି ମନା କରନି ମୁଁ ତୋର ସବୁ କଥାରେ ରାଜି । ଯୋଉ କାମ କହିବୁ ମୁଁ ବିନା ଦ୍ୱିଧାରେ କରିବି କେବଳ ଏ ସମାଜରେ ବଂଚିବା ପାଇଁ । ଦୁହେଁ ବାର୍ତ୍ତାଳାପରେ ମର୍ଜିଗଲୁ ।

ସମୟ ଚାରିଟା ପଚାଶ। ମୋ ସାଙ୍ଗ କହିଲା ଏବେ ଆମେ ବୁଲିବାକୁ ଯିବା ଚାଲ । ଦୁହେଁ କଟକ ଭୁବନେଶ୍ୱର ରୋଡ଼ର ଗୋଟେ ବେଞ୍ଚ ଉପରେ ବସି ପଡ଼ିଲୁ । ସୂର୍ଯ୍ୟାସ୍ତ ସମୟ । ଲାଲ ରଙ୍ଗର ଶାଢ଼ୀ ପିନ୍ଧି ସେତେ ଯେମିତି ପୃଥିବୀ ନବ ବଧୂ ସାଜିଥିଲା । ଏହି ସମୟରେ ମୋ ସାଙ୍ଗ ମୋ ହାତରେ ଲାଲ ରଙ୍ଗର ଫିତାଟାଏ ବାନ୍ଧିଦେଇ ଖଣ୍ଡେ ଦୂରରେ ଠିଆହେଲା । ସେ ବି ନିଜ ହାତରେ ଫିତା ଖଣ୍ଡେ ଭିଡ଼ିନେଲା । ମୁଁ କିଛି ବୁଝିପାରୁ ନଥାଏ । ସାଙ୍ଗକୁ କିଛି ପଚାରିବା ଆଗରୁ ହଠାତ ଗୋଟେ ନାମିଦାମୀ କାର ମୋ ପାଖରେ ଅଟକିଗଲା । ଡୋରଖୋଲି କେତେ ଜଣ ଯୁବତୀ ପାଖକୁ ଡାକିଲେ । ମୁଁ ଭାବିଲି ବୋଧେ ବାଟ ଭୁଲି ଯାଇଥିବେ, ବାଟ ଜାଣିବା ପାଇଁ ପାଖକୁ ଡାକୁଥିବେ । ପାଖକୁ ଯାଇଛି ତ ସେମାନେ ମୋତେ କାର ଭିତରକୁ ଟାଣିନେଲେ । ମୁଁ ସାଙ୍ଗକୁ ଚାହିଁଲା ବେଳକୁ ସେ ମୋତେ ଯିବାପାଇଁ ଇସାରା ଦେଲା । ମୁଁ କାରରେ ବସି ଭାବୁଥାଏ, ଏମାନେ ବୋଧେ ମୋ ସାଙ୍ଗର ବିଜନେସ ପାଟନର । ବିଜନେସ ମ୍ୟାଟରରେ ମୋତେ ନେଉଛନ୍ତି ।

କିନ୍ତୁ ଏ କଣ ସେମାନେ ଗୋଟେ ହୋଟେଲର ନିବୁଜ କୋଠରୀରେ ମୋତେ ବସେଇଲେ । ଖାଇବା ସହ ସୁରାପାନର ବନ୍ଦୋବସ୍ତ ଥିଲା । ମୋତେ ସୁରାପାନ ପାଇଁ ନିମନ୍ତ୍ରଣ କଲେ ମୁଁ କିନ୍ତୁ ମନା କଲି । ସେମାନେ ମଦ ନିଶାରେ ମୋ ଦେହର ପ୍ରତ୍ୟେକଟି ଅଙ୍ଗ ସ୍ୱର୍ଶ କଲେ । ବନ୍ଦ କୋଠରୀରେ ମୋ ସହ ଅସାମାଜିକ କାର୍ଯ୍ୟ ବି କଲେ । ମୁଁ ଯେତେ ବିରୋଧ କଲେ ବି ତାଙ୍କଠାରୁ ବର୍ତ୍ତିପାରିଲି ନାହିଁ । କୋଠରୀରୁ ପଳାୟନ ପାଇଁ ଚେଷ୍ଟା କଲେ ବି ସେମାନେ ପୋଲିସର ଧମକ ଦେଲେ । ମୋ ସହିତ ଏପରି କରି ସେମାନେ ବହୁତ ଖୁସି ପାଉଥିଲେ ।

ଯିବା ସମୟରେ ମୋ ହାତରେ କେତେ ଖଣ୍ଡ ପାଞ୍ଚ ଶହ ଟଙ୍କା ନୋଟ ଗୁଞ୍ଜି ଦେଇ ସେମାନେ ନିଜ ରାସ୍ତାରେ ବାହାରି ପଡିଲେ । ଆଉ ମୁଁ ସେହି କେଇଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ ଧରି ମୋ ହାତରେ ବନ୍ଧା ଥିବା ନାଲିଫିତାକୁ ଚାହିଁ ଦେଖୁଥିଲି ।

+ଲେଖନପୁର, ସାଲେପୁର
ମୋ: ୯୪୩୯୯୩୭୦୭୧

# ବିଷ ଧରା ମିତ୍ର

ହେମନ୍ତ ସାହୁ



ବେନାର ଓ ଅଭିନାଶ ଦୁଇ ଭଲ ମିତ୍ର । ବେନାର ଆଦିବାସୀ ଅଞ୍ଚଳର ମୁଖିଆ ଓ ଅଭିନାଶ ଥିଲା ସହରିଆ ବ୍ୟାପାରି । ସହରରୁ ବେନାରର ଘର ପାଖାପାଖି କୋଡ଼ିଏ କିଲୋମିଟର । ଅଭିନାଶ ଅବିବାହିତ ତଥା ଦେଖିବାକୁ ଗୋରାଚିଟା ହିରୋ ପରି ଦିଶେ । ବେନାର ଜଣେ ବିବାହିତ ଆଦିବାସୀ ପୁରୁଷ, ସେ ବହୁତ ଡେରିରେ ବିବାହ କରିଛନ୍ତି । ସେ ଦେଖିବାରେ ଅସୁନ୍ଦର ହୋଇପାରନ୍ତି କିନ୍ତୁ ହୃଦୟରୁ ବହୁତ୍ ସୁନ୍ଦର ଅଟନ୍ତି। ତାଙ୍କ ସ୍ତ୍ରୀ ହେଉଛନ୍ତି ମିଲି । ମିଲି ଦେଖିବାକୁ ବହୁତ ସୁନ୍ଦର, ସମସ୍ତେ କହନ୍ତି ସେ ଗୋଟେ ଚାଉଳରୁ ଗଢା। ବେନାର ଓ ଅଭିନାଶର ମିତ୍ରତା ପାଖାପାଖି ପାଞ୍ଚ ଛଅ ବର୍ଷ ପୁରୁଣା । ପ୍ରାୟ ଦିନ ଅଭିନାଶ ବେନାରର ଘରକୁ ଆସେ ସାଙ୍ଗରେ ମଜାମଜଲିଶ୍ କରି ଖାଆନ୍ତି ପିଅନ୍ତି।

ରାତିର ସମୟ ବେନାରକୁ ତା ସ୍ତ୍ରୀ ମିଲି କହୁଥାଏ ଶୁଣୁଛ.. ରାମୁର ବାପା ଆମର ଦୁଇ ଭରି ସୁନା କୁଆଡେ ଗଲା ମୁଁ ଆଉ ପାଉନି, (ବେନାର )- କ'ଣ କହିଲ ସୁନା ମିଳୁନି ତୋ କୁଆଡେ ଗଲା ? (ମିଲି)- କେଜାଣେ ଘରର ସାମାନ ପତ୍ର ଏଣେ ତେଣେ ପଡ଼ିଥିଲା, ମୋତେ ଲାଗୁଛି ଚୋର ଚୋରିକରି ନେଇ ଯାଇଥିବ । (ବେନାର)- ତୋ କାଲିକୁ ମୁଁ ପୋଲିସ ଷ୍ଟେସନରେ ରିପୋର୍ଟ ଦେଇଦେବି ଆମ ଘରେ ଚୋରି ହୋଇଛି ବୋଲି। (ମିଲି)- ନାହିଁ , ନାହିଁ ରାମୁର ବାପା ତୁମେ ତୋ ଜାଣିଛ ପୋଲିସ କେତେ କ'ଣ ପ୍ରଶ୍ନ କରିବେ କୁଆଡେ ଏତେ ସୁନା ପାଇଛ ବହୁତ କିଛି ପଚରାଉଚୁରା କରିବେ ଛାଡ଼ ଗଲା ତ ଗଲା ,ଏମିତି ସୁନା ଜୀବନ ଥିଲେ ବହୁତ କମେଇବା। (ବେନାର)- ମିଲି ଠିକ୍ କହୁଛ ତମେ।

ସକାଳର ସମୟ ବେନାର ଖେତକୁ କାମ କରିବା ପାଇଁ ଯାଇଛି । ଏହି ସମୟରେ ଅଭିନାଶ ଘରକୁ ଆସିଛି । ମିଲି ଚୁପଚାପ୍ ଆସି ଅଭିନାଶର ହାତରେ କୌଣସି ପ୍ରକାରର ଏକ ଦସ୍ତାବେଜ ଧରେଇ ଦେଲେ । ତାହା ଅଭିନାଶ ଧରି ନେଇ ଆସିଲା । ଏହି ଦସ୍ତାବେଜ କ'ଣ ପ୍ରଶ୍ନ ଉଠେ ? କେତେ ସମୟ ଗଲା ପରେ ବେନାର ଆସିଲା ।

ନିଶାକର ରାତିର ସମୟ । ବେନାର ଶୋଇଥାଏ, ହଠାତ୍ ତାର ନିଦ ଭାଙ୍ଗିଲା ଦେଖିଲା ମିଲି ତା ପାଖରେ ଶୋଇନାହିଁ । ଟିକିଏ ଦୂର ଯାଇ ଦେଖିଲା ତା ଘର ପଛ ପଟରେ ଥିବା ପୋଖରୀ ମୁହାନେ ମିଲି ବସି କାନ୍ଦୁଥାଏ । ସମୟ ହେଉଥିବ ପାଖାପାଖି ରାତି ଦୁଇଟା । (ବେନାର)- ମିଲି ଏଠି କାହିଁକି ବସିଛ ଆଉ କାହିଁ କାନ୍ଦୁଛ ? (ମିଲି)- ସ୍ୱାମୀ ମୋର ଆଉ ବଞ୍ଚିବାର କୌଣସି ଅଧିକାର ନାହିଁ । ମୁଁ ବହୁତ ବଡ଼ ଭୁଲ କରି ଦେଇଛି ଓ ଯାହାର କୌଣସି କ୍ଷମା ନାହିଁ ,ମୁଁ ଆପଣଙ୍କୁ ବିଶ୍ୱାସଘାତ୍ କରିଛି । ମୁଁ ଆଉ ବଞ୍ଚି ପାରିବିନି । (ବେନାର)- କ'ଣ ହେଲା ମିଲି ମୋତେ ଭଲ ଭାବେ ବୁଝାଇ କୁହ ? (ମିଲି)- ସ୍ୱାମୀ ମୁଁ ପତ୍ନୀ ଧର୍ମ ଭୁଲି ଶରୀର ଆକର୍ଷଣ ପାଇଁ ଆପଣଙ୍କ ପ୍ରିୟ ମିତ୍ର ଅଭିନାଶକୁ ଭଲପାଇ ବସିଥିଲି । ଅଭିନାଶ ମୋ ସାଥିରେ ପ୍ରେମର ନାଟକ ରଚି ଶାରୀରିକ ସଂପର୍କ ରଖିଲେ । ତାଙ୍କ ଫୋନରେ ଏହି ସମୟର ସେ ଭିଡିଓ ରେକର୍ଡ କରି ନେଇଥିଲେ । ସେ ମୋତେ ଏବେ ବ୍ଲାକମେଲ କରୁଛନ୍ତି । ସେ ଦୁଇ ଭରି ସୁନା, ଆମ ଜମିର ଦସ୍ତାବେଜ ମାଗିବାରୁ ମୁଁ ତାଙ୍କୁ ଡରି କି ସବୁ ଦେଇଦେଲି । ମୁଁ ପତ୍ନୀ ନାଁରେ କଳଙ୍କ । (ବେନାର)- ଦୁଃଖରେ ମିଲି ପ୍ରେମ କ'ଣ ଶରୀରରୁ ହୁଏ ? ମାନୁଛି..ମୁଁ ଦେଖିବାରେ ସୁନ୍ଦର ନୁହଁ , ତୁମେ କୁହ ମୁଁ ତୁମ ପାଇଁ କଣ ନ କରିଛି। ମୁଁ ତୁମକୁ ହୃଦୟରୁ ଭଲ ପାଏ, ମିଲି। ତମେ ଏଠି ବସି କାନ୍ଦନି, ମୋତେ ଜମା ଭଲ ଲାଗୁନି..ଚାଲ ଘରକୁ ଯିବା। ଆଗାମୀ ଦିନ....

ବେନାର ପ୍ରତିଦିନ ଭଳି ଖେତରୁ ସନ୍ଧ୍ୟାକୁ ଫେରିଲେ..। ତାଙ୍କ ଫୋନ କାଢି ଅଭିନାଶକୁ କଲ୍ ଲଗାଇଲେ.. ହେଲୋ ସାଙ୍ଗ ଅଭିନାଶ ତୁ କେଉଁଠି ଅଛୁ ଆଜି ରାତିରେ ଆମ ଘରକୁ ଆସେ..ମୁଁ ମଦପାଣିର ବ୍ୟବସ୍ଥା କରିଛି ମଜା କରିବା ତୁ ଆସେ । (ଅଭିନାଶ)- ହଁ,ସାଙ୍ଗ ଠିକ୍ ମୁଁ ରାତିରେ ଆସୁଛି... ।

ରାତିର ସମୟ ଘରେ ବେନାର, ତା ଭାଇ ଖମାରୁ ତା ସହିତ ଅଭିନାଶ ଆସିଛି । ମଦପାଣି ଜୋରଦାର୍ ଭାବେ ପିଉଥାନ୍ତି, ପାଞ୍ଚ ନମ୍ବର କ୍ୱାଟର୍ ପରେ ବେନାର କହୁଥାଏ..ସାଙ୍ଗ ଅଭିନାଶ ମୋ ପତ୍ନୀ ସାଙ୍ଗରେ ତୁ ଯାହା କଲୁ କିଛି କଥା ନୁହଁ, ମୁଁ ଏମିତି କେବେ ଭାବି ନଥିଲି ତୁ ମତେ ବିଷ ଦେବୁ । ତୁ ମୋ ସାଙ୍ଗ ତତେ ମୁଁ କ୍ଷମା କରିଦେଲି । ମୁଁ ତତେ ଅନୁରୋଧ କରୁଛି ତୁ ସୁନା, ଜମିର ଦସ୍ତାବେଜ ନ ଦେଲେ ନାହିଁ ସେ ଭିଡିଓକୁ ଡିଲିଟ୍ କରିଦେ । (ଅଭିନାଶ)- ତା ଅସଲି ରୂପରେ ତୁ କଣ ମୋ ସାଙ୍ଗ,ନା ତୁ ଜଣେ ଜଙ୍ଗଲିଆ ପଶୁ ମୁଁ ତତେ ପାଞ୍ଚ ବର୍ଷ ହେଲା ବ୍ୟବହାର କରିଛି । ତୁ ମୂର୍ଖ ମଣିଷ , ମୁଁ ସେ ଭିଡିଓ ଡିଲିଟ୍ କରିବିନି । ତୋର ସବୁ ଜମିର ଦସ୍ତାବେଜ ତୁ ଦେବୁ ତୋ ମୁଁ ଭିଡିଓ ଡିଲିଟ୍ କରିଦେବି । (ବେନାର)- ଏ ତୁ ମୋ ସାଙ୍ଗ ପରା କ'ଣ ପାଇଁ ଏମିତି କହୁଛୁ । ମୁଁ ଯଦି ତତେ ସବୁ ଜମିର ଦସ୍ତାବେଜ ଦେବି, ତୋ ଆମ ପରିବାର କେଉଁଠି ରହିବେ ଟିକେ ବୁଝ ସାଙ୍ଗ । (ଅଭିନାଶ)- ମୁଁ କିଛି ଜାଣି ନି ତୁ ଯେଉଁଠାରେ ବି ରହ ମୋତେ କିଛି ଯାଇ ଆସେନି । ରହ ତୁ ସେ ଭିଡିଓକୁ ଫେସବୁକରେ ଛାଡୁଛି । ଦୁଇ ଜଣଙ୍କ ମଧ୍ୟରେ ହାଥାପାଇ ହେଲା । ହାଥାପାଇ ହେବା ମଧ୍ୟରେ ବେନାର ଅଭିନାଶର ଛାତିରେ ଛୁରୀ ମାରିଦେଇଛି । ଅଭିନାଶର ମୃତ୍ୟୁ ହେଲା । ଖମାରୁ ଅଭିନାଶର ଫୋନ୍‌ରୁ ସେ ଭିଡିଓ ଡିଲିଟ୍ କରିଦେଲା ।

(ବେନାର)- ହେ ଭଗବାନ୍ ଏଇଟା ମୋ ହାତରେ କେଡେ ବଡ଼ ପାପ ହୋଇଯାଇଛି, ମିତ୍ର ହିଁ ମିତ୍ରର ବିନାଶ କରିଦେଇଛି । ମୁଁ ଜୀବନ ସାରା ଏହି ପାପରୁ ମୁକ୍ତି ପାଇବିନି । ପ୍ରାଚୀନ ସମୟରେ କୃଷ୍ଣ ସୁଦାମ ଭଳି ମିତ୍ରତା ଓ ଏବେ ମୁଁ ମିତ୍ର ନାଁରେ କଳଙ୍କ । (ଖମାରୁ)- ଭାଇ ତୋର କ'ଣ ଭୁଲ ଅଛି ? ତୁ ବେଶୀ ସରଳ ତୁ ଥିଲୁ ତା ଅସଲି ମିତ୍ର କିନ୍ତୁ ସେ ଥିଲା ତୋର 'ବିଷ ଧରା ମିତ୍ର' , ସେ ତତେ ବ୍ୟବହାର କରୁଥିଲା । ତୁ ତାକୁ ସବୁ ବାଟ ଦେଲୁ ସେ କିନ୍ତୁ ତତେ ବାଟ ଦେଲାନି । ମିତ୍ରତାରେ ବିଷ ଦେଲା, ସେ ତୋର ବିଷ ଧରା ମିତ୍ର ପାଲଟିଲା। ମିତ୍ରତା କ'ଣ ଲୋଭ ଦେଖେ, ଅସଲି ମିତ୍ର କେବେ ବି ତାକୁ ବ୍ୟବହାର କରେ ନି । ସୁଖ ସମୟରେ ଠିଆ ନ ହେଲେ ବି ଚଳିବ କିନ୍ତୁ ଦୁଃଖ ସମୟରେ ଆଗେ ଠିଆ ହେବାକୁ ପଡେ ଏହା ହିଁ ଅସଲି ମିତ୍ରର ସଂଜ୍ଞା ।

ରେଗଡ଼ା, କର୍ଲାମୁଣ୍ଡା, ଏମ୍ ରାମପୁର କଳାହାଣ୍ଡି -୭୬୬୧୦୨
ଦୂରଭାଷା - ୬୩୭୧୮୨୭୦୩୧

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବନମହୋତ୍ସବ ପାଳିତ

ଭଦ୍ରକ, ୦୬/୦୭ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପୌରହିତ୍ୟରେ ସାତଭଉଣୀ ଉଚ୍ଚ ବିଦ୍ୟାପୀଠ, ଭଦ୍ରକ ପରିସରରେ ବନମହୋତ୍ସବ ପାଳନ ନିମିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରିବେଶର ସୁସ୍ଥ ବାତାବରଣ ନିମିତ ବୃକ୍ଷରୋପଣ ନିହାତି ଜରୁରୀ, ପରିବେଶ ସୁସ୍ଥ ରହିଲେ ମଣିଷ ମଧ ସୁସ୍ଥ ଜୀବନ ଯାପନ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ, ପୋଲିସ୍ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ସହକାରୀ ସଂରକ୍ଷଣ ବନ୍ୟ ଅଧିକାରୀ ସୁମିତ ମହାନ୍ତି ଏବଂ ଭଦ୍ରକ ଉପଖଣ୍ଡ ଅଧିକାରୀ ପ୍ରି ତିରାଣୀ ଦାସ ତଥା ସାତଭଉଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣୀ ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ଟ୍ରି ଫେମିଲିର ସଦସ୍ୟଗଣ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଗଣ, ପ୍ୟାନେଲ ଓକିଲ, ବନ୍ୟପ୍ରାଣୀ ଭଦ୍ରକର କର୍ମକର୍ତା ଗଣ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣର ସମସ୍ତ କର୍ମଚାରୀଗଣ ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

# ସାପ କାମୁଡ଼ାରେ ବରିଷ୍ଠ ଚାଷୀଙ୍କ ମୃତ୍ୟୁ

ଭଦ୍ରକ, ୦୬/୦୭ (ନି.ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଫଂଚୁଟିକ୍ରୀ ପଂଚାୟତ ଖମାରସାହି ଗାଁର ଜଣେ ଚାଷୀଙ୍କ ର ସାପ କାମୁଡା ରେ ମୃତ୍ୟୁ ହୋଇଛି । ପ୍ରାପ୍ତ ଖବର ରୁ ଜଣା ଯାଇଛି ଖମାର ସାହି ଗ୍ରାମର ବ୍ରହ୍ମାନନ୍ଦ ବାରିକ (୫୨) ବିଲରେ ତଳି ପକାଇବାକୁ ଯାଇଥିଲେ । ଏହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଥିଲା ।ଖବର ପାଇବା ପରେ ଗ୍ରାମବାସୀ ବିଲରୁ ବ୍ରହ୍ମାନନ୍ଦ କୁ ପ୍ରଥମେ ବଇଁଚା ଏବଂ ପରେ ଅବସ୍ଥା ସଂକଟା ପର୍ଣ ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ । ଭଦ୍ରକରେ ଚିକିତ୍ସା ପରେ ସେଠାରୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିଲା । କଟକ ଯାଉଥିବା ବାଟରେ ତାଙ୍କ ର ଅବସ୍ଥା ଶୋଚନୀୟ ହେବାରୁ ସେଠାରୁ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ସେଠାରେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇଛି । ଏହି ମୃତ୍ୟୁ ଖବର ପାଇଁ ସ୍ଥାନୀୟ ଅଂଚଳରରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମୃତ ଶରୀର କୁଆମରା ଠାରେ ପହଂଚି ବା ପରେ ସେଠାରୁ ଫଂଚୁଟିକ୍ରୀ ପର୍ଯ୍ୟନ୍ତ ତାଙ୍କର ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିଲା ।

# ମାୟା ନିଦ୍ରା ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସେବା ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭଦ୍ରକ, ୦୬/୦୭ (ନି.ପ୍ର): ମାୟା ନିଦ୍ରା ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସେବା ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ ଅନ୍ତର୍ଗତ ଅର୍ଣ୍ଣ ପାଳ ସ୍ଥିତ ମଧୁସୂଦନ ପୁର ଗ୍ରାମ ରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କ୍ୟାମ୍ପ ଦିନ ୯ ଟା ରୁ ଆରମ୍ଭ ହୋଇ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଚାଲିଥିଲା । ଏହି ପରିପ୍ରେକ୍ଷୀରେ ପ୍ରାୟ ୧୫୦ ରୋଗୀ ନିଜ ନିଜର ରୋଗର ଲକ୍ଷଣ କହି ଔଷଧ ନେଇଥିଲେ । ଏହାଛଡା ବିଭିନ୍ନ ପ୍ରକାର ର ସ୍ୱାସ୍ଥ୍ୟ ପରୀକ୍ଷା ବିନା ମୂଲ୍ୟ ରେ କରାଯାଇ ମାଗଣା ରେ ଔଷଧ ବିତରଣ କରାଯାଇ ଥିଲା । ବିଭିନ୍ନ ରୋଗ ତଥା ମଧୁମେହ, ଆଣ୍ଠୁ ଗଣ୍ଠି ରୋଗ, ରକ୍ତ ଚାପ ପ୍ରମୁଖ ପରୀକ୍ଷା କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ମାୟା ନିଦ୍ରା ଫାଉଣ୍ଡେସନ ର ପ୍ରତିଷ୍ଠାତା ଡ଼କ୍ଟର ଶ୍ରୀକାନ୍ତ ବାରିକ୍ । ପରିଚାଳନା କରିଥିଲେ ଡ଼କ୍ଟର ନିର୍ମଳ ପଣ୍ଡା । ଉକ୍ତ କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପୂର୍ବତନ ପୋଲିସ ଡିଜି ତଥା ମାନବାଧିକାର କମିଶନର ଡ଼କ୍ଟର ଗୋପ ବନ୍ଧୁ ମଲ୍ଲିକ, ଜେହୋଭା ଗ୍ରୁପ ର ସମ୍ପାଦକ ନୃସିଂହ ନାଥ ନନ୍ଦ । ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡାକ୍ତର ସୁଦର୍ଶନ ବାରିକ୍, ରେଭେନ୍ସା ବିଶ୍ୱବିଦ୍ୟାଳୟ ର ପ୍ରଫେସର ନିରଞ୍ଜନ ବାରିକ୍, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ର ପୂର୍ବତନ ପରିଚାଳକ ବସନ୍ତ ଦାସ , ପୂର୍ବତନ ପ୍ରଧାନ ଶିକ୍ଷକ ବାଦଲ ମହାପାତ୍ର ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ, ଧୁଶୁରି ପ୍ରେସ ୟୁନିଅନ ର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ,ସମାଜ ସେବୀ ରାଜେନ୍ଦ୍ର ପରିଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ସମାଜସେବୀ ସରିତ ନାୟକ, ନିର୍ମଳା ବାରିକ୍, ତପସ୍ୱିନୀ ବାରିକ୍ ଓ ବସନ୍ତ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ଛାତ୍ରୀ ଶ୍ରେୟାଂଶି ୭ମ ସ୍ଥାନରେ

ଭଦ୍ରକ, ୦୬/୦୭ (ନି.ପ୍ର): ଭଦ୍ରକ ଜିଲା ଆରଡିପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସପ୍ତମ ଶ୍ରେଣୀର ଛାତ୍ରୀ ଶ୍ରେୟାଂଶି ଦାଶ ଭାରତୀୟ ଶିକ୍ଷା ପରିଷଦ ଦ୍ୱାରା ରାଜ୍ୟସ୍ତରୀୟ ସପ୍ତମଶ୍ରେଣୀ ବୃତି ପରୀକ୍ଷାରେ ୭ମ ସ୍ଥାନ ହାସଲ କରି କୃତିତ୍ୱ ହାସଲ କରିଛନ୍ତି । ଶ୍ରେୟାଂଶି ପୂର୍ବରୁ ପଂଚମଶ୍ରେଣୀରେ ସରକାରୀ ବୃତି, ଆଦର୍ଶ ସହ ନବୋଦୟ ପରୀକ୍ଷାରେ ଉର୍ତିନ୍ନ ହୋଇ ଶିକ୍ଷାକେନ୍ଦ୍ର ପାଇଁ ଗୌରବ ଆଣି ଦେଇଥିଲେ । ରାଜ୍ୟ ଶିକ୍ଷାବିଭାଗର ଅନୁମୋଦନ ଓ ଭାରତୀୟ ଶିକ୍ଷା ପରିଷଦ ସହ ବନ୍ଧନରେ ଆରଡିପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିବର୍ଷ ସରକାରୀ ଓ ବେସରକାରୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଗଧାଡିରେ ରହିବା ସହ କୃତିତ୍ୱ ଆଣି ଶିକ୍ଷାକେନ୍ଦ୍ରକୁ ସଫଳତା ଦେଇଛନ୍ତି । ଚଳିତବର୍ଷ ଶିକ୍ଷାକେନ୍ଦ୍ରର ଛାତ୍ରୀ ଶ୍ରେୟାଂଶି ଏପରି ସଫଳତା ଦେଇଥିବାରୁ ଶିକ୍ଷାକେନ୍ଦ୍ରର ପ୍ରଧାନ ଆର୍ଚ୍ଚାୟ୍ୟା ରେଣୁବାଳା ସାମଲ, ନିର୍ଦେଶକ ଚିତରଞ୍ଜନ ମହାନ୍ତିଙ୍କ ସହ ସମସ୍ତ ଗୁରୁଜୀ, ଗୋରୁମା ଓ ପରିଚାଳନା କମିଟିକୁ ଶ୍ରେୟାଂଶି ଜେଜେମା ଦୁରମଣୀ ଦାଶ, ବାପା ବିଜୟ କୁମାର ଦାଶ, ଅଜୟ କୁମାର ଦାଶ, ସଂଜୟ କୁମାର ଦାଶ, ମା ପ୍ରିତିପୁଷ୍ପା ଦାଶ, ସଂଯୁକ୍ତା ଦାଶ, ଅନିତା ଦାଶ କୃତଜ୍ଞତା ଜଣାଇଛନ୍ତି ।

# ବିହନ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇଛନ୍ତି ଆଦିବାସୀ ମହିଳା

ଜୟପୁର, ୦୬/୦୭ (ନି.ପ୍ର): ଚାଷ କାର୍ଯ୍ୟ ହେଉଛି ଆମର ପ୍ରଧାନ କାର୍ଯ୍ୟ । ଆଉ ସବୁ ପଛ । ତେଣୁ ଚାଷ ଯେଉଁଠି ଗୁରୁତ୍ୱ ରହିଛି ସେଠି । ତେଣୁ ଏହି ଚାଷ କାର୍ଯ୍ୟ କରିବାକୁ ହେଲେ ଆଉ ଭଲ ଚାଷରୁ ଭଲ ଅମଳ ପାଇବାକୁ ହେଲେ ପ୍ରଥମେ ଭଲ ବିହନ ଆବଶ୍ୟକ ହୋଇଥାଏ । ଆଉ ଏହି ବିହନକୁ ଆମେ କିପରି ପାଇପାରିବା ଆଉ କେମିତି ଏହାକୁ ପାଇପାରିବା । ଏହାକୁ ନେଇ ବହୁ ଚାଷୀ ସର୍ବଦା ଚେଷ୍ଟାରେ ରହିଥିବା ବେଳେ ଆଜି ଆମେ ଜଣେ ମହିଳାଙ୍କ ବିଷୟରେ ଜାଣିବା ଯେ କି ବିହନ ସଂଗ୍ରହ କରିବାରେ ଆଗ୍ରହ ପ୍ରକାଶ କରି ନିଜର କାର୍ଯ୍ୟ କରିଚାଲିଛନ୍ତି । ପୂର୍ବରୁ ବିହନ ଗଣ୍ଡାଏ ପାଇଁ ସାହୁକାରଙ୍କୁ ହାତ ଯୋଡ଼ିବାକୁ ପଡୁଥିଲା । କେବେ ସୁନାଗହଣା ତ' ଆଉ କେବେ ଘରବାଡ଼ି ବନ୍ଧା ପକାଇବାକୁ ପଡୁଥିଲା । ହେଲେ ଏବେ ଆଉ ସେ ସମୟ ନାହିଁ; ଏବେ ଆମେ ଭିନ୍ନ ଭିନ୍ନ କିସମ ବିହନର ମାଲିକାଣୀ ହୋଇପାରିଛୁ । ଉଦ୍‌ଯୋଗ ଓ ଦୃଢ଼ ନିଷ୍ଠା, ସରକାରୀ ତଥା ବେସରକାରୀ ସଂସ୍ଥାର ସହାୟତା ପାଇ ଆଦିବାସୀ ଅଧୁଷିତ ଅଂଚଳର ମହିଳାମାନେ ଉନ୍ନତମାନର ବିହନ ଉତ୍ପାଦନ ଓ ସଂରକ୍ଷଣର ମଙ୍ଗ ଧରିଛନ୍ତି ବୋଲି କହନ୍ତି, କୋରାପୁଟ ବ୍ଲକ ସ୍ଥିତ ମାଛରା ଗ୍ରାମର ୬୦ ବର୍ଷୀୟା ହରିବୋଲା ସୁକିଆ । ନିଜର ୩ ଏକର ଜମିରେ ନିରନ୍ତର ପ୍ରୟାସ କରି ୩୫ କୁଇଂଟାଲ ମାଣ୍ଡିଆ ଉତ୍ପାଦନ କରିଥିବା ବେଳେ ସେଥିରୁ ସାଢ଼େ ୭ କୁଇଂଟାଲ ଭିଏଲ୍ ମାଣ୍ଡିଆ-୩୮୦ ବିହନ କିସମ ବିକ୍ରି କରି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି । କେବଳ ସେତିକି ନୁହେଁ, ବିହନ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହରିବୋଲା ଦିଲ୍ଲୀରେ ପୁରସ୍କୃତ ମଧ ହୋଇଛନ୍ତି । କେବଳ ହରିବୋଲା ନୁହନ୍ତି, ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାରେ ତାଙ୍କଭଳି ଅନେକ ମହିଳା ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛନ୍ତି । ଉନ୍ନତମାନର ବିହନ କିସମ ଉତ୍ପାଦନରେ ଜଡ଼ିତ ହେବାସହ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସଶକ୍ତୀକରଣକୁ ସୁନିଶ୍ଚିତ କରିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ସରକାର ତଥା ନିଜ ଅଂଚଳର ଚାଷୀଙ୍କୁ ଉଚ୍ଚମାନର ବିହନ ଯୋଗାଉଛନ୍ତି । ଅର୍ଜୁନ, କାଳୁଆ, ଚିଲିକା, କେଏମ୍‌ଆର-୨୦୪, ଭିଏଲ୍ ମାଣ୍ଡିଆ-୩୮୦ ଆଦି ମାଣ୍ଡିଆ ବିହନ ଉତ୍ପାଦନ କରି ସ୍ୱତଃ ପରିଚୟ ହାସଲ କରିଛନ୍ତି । କୋରାପୁଟ ବ୍ଲକ୍ ର କୋଲାବ କୃଷକ ଉତ୍ପାଦକ ସଂଗଠନ ଅଧୀନରେ ମହିଳା ଚାଷୀମାନେ ଉନ୍ନତମାନର ବିହନ ଉତ୍ପାଦନ କରି ସେସବୁକୁ ବିକ୍ରି କରି ରୋଜଗାରକ୍ଷମ ହେବାସହ ଜଳବାୟୁ ସହନଶୀଳ ଫସଲ ଉତ୍ପାଦନ ଦିଗରେ ଆଖିଦୃଶିଆ ପରିବର୍ତନ ଆଣିପାରିଛନ୍ତି । ଗତବର୍ଷ ସଂଗଠନ ଅଧୀନରେ ଥିବା ଚାଷୀଙ୍କ ଦ୍ୱାରା ଉତ୍ପାଦିତ ୩୦୯.୫ କୁଇଂଟାଲ୍ ଉନ୍ନତମାନର ବିହନ କିସମ ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ ବିହନ ନିଗମକୁ ଦିଆଯାଇଥିଲା । ସେଥିରୁ ୬୨ ଜଣ ମହିଳା ପାଖାପାଖି ୧୪୫ରୁ ଅଧିକ କୁଇଂଟାଲ ବିହନ ବିକ୍ରି କରି ଲାଭବାନ ହୋଇପାରିଛନ୍ତି । ଏହା ବ୍ୟତୀତ ବିଭିନ୍ନ ସଂସ୍ଥାକୁ ମଧ ବିହନ ବିକ୍ରି କରିଛନ୍ତି । ମାଣ୍ଡିଆର ଉନ୍ନତମାନର ବିହନ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ' ଜରିଆରେ ୨୦୧୮ ମସିହାରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ କୋରାପୁଟ ଜୟପୁରସ୍ଥିତ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତମାନର ମାଣ୍ଡିଆ ବିହନ କିସମ ଯୋଗାଇ ଦିଆଯାଉଛି । ଏହାସହ ଉନ୍ନତ ଚାଷ ପ୍ରଣାଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ମଧ ଦିଆଯାଉଛି । ପ୍ରତିଷ୍ଠାନ ସହିତ ଜଡ଼ିତ ମହିଳା ଚାଷୀମାନେ 'ବିକଳ୍ପ ବିହନ ଉତ୍ପାଦନ ବ୍ୟବସ୍ଥା'କୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଫଳରେ ଦେଶୀ କିସମ ତୁଳନାରେ ୩୦% ଅଧିକ ଅମଳ ସମ୍ଭବ ହୋଇପାରୁଛି । ଏ ସମ୍ପର୍କରେ ମହିଳା ଚାଷୀ ଦନା ଭୋଇ କହନ୍ତି, ''ପୂର୍ବରୁ ଘରେ କେବଳ ମାଣ୍ଡିଆ ଖାଇବା ପାଇଁ ଚାଷ କରୁଥିବା ବେଳେ ଏବେ ଉନ୍ନତମାନର ବିହନ ଉତ୍ପାଦନ କରି ଆମେ ଲାଭବାନ୍ ହୋଇପାରୁଛୁ । ଆମେ ସ୍ୱାମୀନାଥନ୍ ପ୍ରତିଷ୍ଠାନ ମାଧ୍ୟମରେ ଉନ୍ନତ କିସମ ମାଣ୍ଡିଆ ବିହନ ଉତ୍ପାଦନର ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ପାଇଥିଲୁ । ୩ ଏକର ଜମିରେ ଅର୍ଜୁନ ମାଣ୍ଡିଆ ଚାଷ କରି ଚଳିତବର୍ଷ ମୁଁ ୧୯ କୁଇଂଟାଲ ବିହନ ଉତ୍ପାଦନ କରିପାରିଛି । ଏହାଦ୍ୱାରା ଆର୍ଥିକ ସ୍ତରରେ ମୁଁ ଓ ମୋ ପରିବାର ସଶକ୍ତ ହେବା ସହ ଚିରନ୍ତନ କୃଷି ପଦ୍ଧତିକୁ ଆଗେଇ ନେବାରେ ସଫଳ ହୋଇଛୁ ।'' ମହିଳା ଚାଷୀ ଚିତ ଚାଣ୍ଡିଆଙ୍କ କହିବାନୁଯାୟୀ, ସେ ଗତ ୭ ବର୍ଷ ହେବ ବିଭିନ୍ନ ଉନ୍ନତ କିସମ ବିହନ ଉତ୍ପାଦନ କରି ଅଧିକ ରୋଜଗାରକ୍ଷମ ହୋଇପାରିଛନ୍ତି । ୪ ଏକର ଜମିରେ ଗତବର୍ଷ ୨୨ କୁଇଣ୍ଟାଲ ୫୦ କେଜି ମାଣ୍ଡିଆ ବିହନ ଓ ୨୬ କୁଇଂଟାଲ ଅମଳ ମାଣ୍ଡିଆକୁ ବିକ୍ରି କରି ଲକ୍ଷାଧିକ ଟଙ୍କା ଲାଭ ପାଇପାରିଥିଲେ । ସେହିପରି କୁନ୍ଦ୍ରା ବ୍ଲକ୍ ନୂଆଗୁଡ଼ା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳା 'ବାମନଦେଇ ଉତ୍ପାଦକ କମ୍ପାନି' ଅଧୀନରେ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏକ ବିହନ କେନ୍ଦ୍ରର ଦାୟିତ୍ୱ ତୁଲାଉଛନ୍ତି । ସଂଗୃହୀତ ସାଢ଼େ ୪ କୁଇଂଟାଲ ବିହନ ବିକ୍ରି କରି ବେଶ୍ ଲାଭବାନ୍ ହୋଇପାରିଛନ୍ତି ।

ଏନେଇ ଗୋଷ୍ଠୀର ସଭାପତି ଚନ୍ଦ୍ରମା ମସିଆ କହନ୍ତି, ''ଏଥିରେ ସେମାନେ ବାଟି, ଭୈରବୀ, ଜହ୍ନା, ବଡ଼ ମାଣ୍ଡିଆ, ସାନ ମାଣ୍ଡିଆ, ଭାଲୁ ମାଣ୍ଡିଆ ଆଦି ବିହନ ଚାଷୀମାନଙ୍କ ଠାରୁ ସଂଗ୍ରହ କରି ସଂରକ୍ଷଣ କରୁଛନ୍ତି । ଏହାସହ ଅନ୍ୟ ଶସ୍ୟର ବିହନକୁ ମଧ ସଂଗ୍ରହ କରି ବିକ୍ରି କରୁଛନ୍ତି । ଏହି ଶସ୍ୟ ବିହନ ବିକ୍ରି କରି ସେ ଏବେ ବହୁତ ଭଲରେ ଅଛନ୍ତି ବୋଲି କହିଛନ୍ତି ।

# ହିଣ୍ଡାଲକୋ ପାୱାର ଶ୍ରମିକ ସଂଗଠନ ନିର୍ବାଚନ : ଏଚଏମ୍‌ଏସର ବାଜିମାତ୍

ସମ୍ବଲପୁର, ୦୬/୦୭ (ନି.ପ୍ର): ଚଳିତ ବର୍ଷ ହୀରାକୁଦ ହିଣ୍ଡାଲକୋ ପାୱାରରେ ହୋଇଥିବା ଶ୍ରମିକ ସଂଗଠନର ନିର୍ବାଚନରେ ହିନ୍ଦ୍ ମଜଦୂର ସଭା-ଏଚ୍‌ଏମ୍‌ଏସ୍ ସହିତ ସହ ବନ୍ଧିତ ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିଅନ୍ ବିଜୟୀ ହୋଇଛି । ହୀରାକୁଦ ଠାରେ ଥିବା ଶିଳ୍ପ ସଂସ୍ଥା ହିଣ୍ଡାଲକୋର ପାୱାର ୟୁନିଟ୍‌ରେ ଶ୍ରମିକ ସଂଗଠନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍ ରେ ତିନୋଟି ଶ୍ରମିକ ସଂଗଠନ ଥିବା ବେଳେ ଇଣ୍ଡଲ୍ ପାୱାର ୱାର୍କର୍ସ ୟୁନିଅନ୍ (ଏଚଏମଏସ) ୫୫.୪୨ ପ୍ରତିଶତ ଭୋଟ ପାଇଥିବା ବେଳେ, ଏ ଆଇଟିୟୁସି ୪୧ ପ୍ରତିଶତ ଭୋଟ ପାଇଥିଲା । ବିଜୟୀ ଶ୍ରମିକ ସଂଗଠନରେ ସଂଜିତ୍ ମହାନ୍ତି ଉପଦେଷ୍ଟା ଥିବା ବେଳେ, ମହମ୍ମଦ ମୁର୍ତୁଜା ସଭାପତି, ରୋଷନ୍ ସିଂହ କାର୍ଯ୍ୟକାରୀ ସଭାପତି, ଯୋଗେନ୍ଦ୍ର ବେହେରା ସାଧରଣ ସଂପାଦକ ଦାୟିତ୍ୱରେ ଅଛନ୍ତି । ଆଜିର ଏହି ବିଜୟ ପରେ ହିଣ୍ଡାଲକୋ ମୁଖ୍ୟ ଗେଟ୍‌ରୁ ଏକ ଶୋଭାଯାତ୍ରାରେ ୟୁନିଅନ କାର୍ଯ୍ୟାଳୟ କୁ ଯାଇ ଏକ ସଭା ଅନୁଷ୍ଠିତ ହେଇଥିଲା । ଏହି ଶ୍ରମିକ ସଂଗଠନ ଆଗାମୀ ଦିନରେ ଶ୍ରମିକମାନଙ୍କ ଅଧିକାର ଓ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ସହିତ ଏହି ଶିଳ୍ପ ସଂସ୍ଥାରେ ଅବସର ନେବା ବୟସ କୁ ୫୮ରୁ ୬୦ କରିବା ପାଇଁ ଓ ହୀରାକୁଦ ରେ ସିବିଏସଇ ବିଦ୍ୟାଳୟ ସ୍ଥାପନ ପାଇଁ ଚେଷ୍ଟା କରାଯିବ ବୋଲି ଉପଦେଷ୍ଟା ସଂଜିତ ମହାନ୍ତି ପ୍ରକାଶ କରିଥିଲେ । ଶ୍ରମିକ ମାନଙ୍କର ବିମା ରାଶି ବଢେଇବା, ନୂତନ ବାସ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଦାବି ଉପରେ ସଂଘ କାର୍ଯ୍ୟ କରିବ ବୋଲି ସଂଘ ର ସଭାପତି ମହମ୍ମଦ ମୁର୍ତୁଜା ପ୍ରକାଶ କରିଥିଲେ । ଏହି ସଭାରେ ଦୂର୍ଯୋଧନ ମହାନ୍ତି, ମିଳନ ହୋତା, ତୁଷାର ନାଥ, ଜିତୁ ମିଶ୍ର, ବିଭୂତି ଦାସ, ଜିକୁନ ପାତ୍ର, ବିଷ୍ଣୁ ମହାନ୍ତି, ପୂର୍ଣ୍ଣ ବିଶୋଇ, ହୃଦାନନ୍ଦ ପରିଜା, ବିଭୂତି ପାଣିଗ୍ରାହୀ, ଜଗନ୍ନାଥ ଦାସ, ରଂଜନ ଡାକୁଆ, ବଳରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ହରିଚନ୍ଦନପୁର ନାରାୟଣ ଜୁଏଲର୍ସରୁ ଲୁଟ୍ ଘଟଣା : ୬ ଜଣଙ୍କୁ ଗିରଫ କଲା ପୋଲିସ

କେନ୍ଦୁଝର, ୦୬/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ମୁଖ୍ୟ ବଜାର ସ୍ଥିତ ନାରାୟଣ ଜୁଏଲାରୀରୁ ଗତ ୨୫ ତାରିଖ ଦିନ ଘଟିଥିବା ଲୁଟ୍ ଘଟଣାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପୋଲିସ । ଅଭିଯୁକ୍ତଙ୍କ ପାଖରୁ କିଛି ସୁନା ଓ ରୂପା ଅଳଙ୍କାର ସମେତ ୩ ମୋବାଇଲ ଓ ୩ ବାଇକ୍ ଜବତ କରାଯାଇଥିବା ପୋଲିସ ପ୍ରେସ ମିଟ ଯୋଗେ ସୂଚନା ଦେଇଛି । ସୂଚନା ଅନୁଯାୟୀ ଗତ ଜୁନ ୨୫ ତାରିଖ ସନ୍ଧ୍ୟା ପାଖାପାଖି ସାଢ଼େ ୬.୪୫ସମୟରେ କିଛି ଦୁର୍ବୃତ୍ତ ବାଇକରେ ଆସି ଦୋକାନରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଥମେ ବନ୍ଧୁକ ଏବଂ ମାରଣାସ୍ତ୍ର ଦେଖାଇ ଦୋକାନ ମାଲିକ ଓ କର୍ମଚାରୀଙ୍କୁ ଭୟଭୀତ କରାଇ ଦୋକାନରେ ଥିବା ସମସ୍ତ ସୁନାକୁ ଲୁଟ କରିବା ସହ ଫେରାର ହୋଇଯାଇଥିଲେ । ଏନେଇ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ସଂପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳ ଆଜି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ତିନିଜଣ ବିକି ପାତ୍ର, ଜଗୁ ପାତ୍ର ଓ ଅଜିତ୍ ପଟ୍ଟନାୟକ । କଟକରୁ ଜିଲ୍ଲାରୁ ଜଗନ୍ନାଥ ଘଡ଼େଇ, ଯାଜପୁର ଜିଲ୍ଲାରୁ ଇନ୍ଦ୍ରମଣି ମହାନ୍ତ ଓ ହରିଚନ୍ଦନପୁର ଥାନା ବାଇଲବେଡା ଗ୍ରାମର ବୁଦ୍ଧଦେବ ମହାନ୍ତ ବୋଲି ପ୍ରେସ୍ ମିଟ ଯୋଗେ ଘଟଗାଁ ଏସଡିପିଓ ବିଜୟ କୁମାର ମହାପାତ୍ର ଏବଂ ଆଇଆଇସି ଦେବକୀ ନାଏକ ପ୍ରେସମିଟ ଯୋଗେ ସୂଚନା ଦେଇଛନ୍ତି ।

# ବିଶ୍ୱ ପୋଲିସ, ଅଗ୍ନିଶମ କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୧୪ ପଦକ ହାସଲ

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡାବିତ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ରୌପ୍ୟ ପଦକ, ସବିତା ଟପ୍ପୋ ଗୋଟିଏ ସ୍ୱର୍ଣ୍ଣ ପଦକ, ଗୋଟିଏ ବ୍ରୋଂଚ ପଦକ ଏବଂ ସୁସ୍ମିତା ଟିଗା ଗୋଟିଏ ବ୍ରୋଂଚ ପଦକ ବିଜୟୀ ହୋଇ ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି । ଓଡିଶା ପୋଲିସର କ୍ରୀଡ଼ାବିତମାନେ ଗତ ଚାରି ଦିନ ମଧ୍ୟରେ ୯ ଟି ସ୍ୱର୍ଣ ପଦକ, ୨ଟି ରୌପ୍ୟ ପଦକ ଓ ୩ଟି ବ୍ରୋଂଚ ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଲାଭ କରିଛନ୍ତି । କନଷ୍ଟେବଳ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣ ପଦକ ଏବଂ ୪୦୦x୪୦୦ ରିଲେରେ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟର ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କନଷ୍ଟେବଳ ସବିତା ଟପ୍ପୋ ମହିଳା ବିଭାଗ ୧୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ୪୦୦ ମିଟର ବାଧାଦୌଡ଼ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

## ପାଣିକୋଇଲି ମହାବିଦ୍ୟାଳୟରେ ବନୋତ୍ସବ ପାଳିତ

କୋରାଇ, ୦୬/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରେ ବନ ମହୋତ୍ସବ ଦିବସ ପାଳିତ ହୋଇଛି । ୭୬ତମ ବନ ମହୋତ୍ସବ ୨୦୨୫ ଅବସରରେ ଯାଜପୁର ରୋଡ ବନାଂଚଳ, କଟକ ବନଖଣ୍ଡର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ପାଣିକୋଇଲି ଫରେଷ୍ଟ ବିଟ ଅଫିସର ସାଇସ୍ମୃତି ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା । ଉକ୍ତ ବୃକ୍ଷରୋପଣ ଉତ୍ସବରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ସତ୍ୟଜିତ୍ ମହାନ୍ତି ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ମହାବିଦ୍ୟାଳୟ ପରିସରରେ ୫୦ରୁ ଉର୍ଦ୍ଧ ଚାରା ରୋପଣ କରାଯାଇଥିଲା

# ଭାରତ ଚିକିତ୍ସା ପର୍ଯ୍ୟଟନ ଏବଂ ଔଷଧ ଗବେଷଣାର ବିଶ୍ୱ କେନ୍ଦ୍ର ପାଲଟିଛି : ଓମ୍ ବିରଲା

ନୂଆଦିଲ୍ଲୀ, ୦୬/୦୭ (ନି.ପ୍ର): ଲୋକସଭା ଅଧକ୍ଷ ଓମ୍ ବିର୍ଲା କହିଛନ୍ତି ଯେ ଭାରତର ଚିକିତ୍ସା ବ୍ୟବସ୍ଥା ଆଜି ଏହାର ଗୁଣବତା, ସୁଗମତା ଏବଂ ନିର୍ଭରଯୋଗ୍ୟତା ଯୋଗୁଁ ବିଶ୍ୱରେ ଏକ ନୂତନ ପରିଚୟ ସୃଷ୍ଟି କରୁଛି । ସେ ଶନିବାର ନୂଆଦିଲ୍ଲୀରେ ଇନୋଭେଟିଭ୍ ଫିଜିସିଆନ୍ ଫୋରମ୍ ଦ୍ୱାରା ଆୟୋଜିତ ସପ୍ତମ ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ ଆଇପିଏଫ୍ ମେଡିକନ୍-୨୦୨୫ର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରୁଥିଲେ । ବିର୍ଲା କହିଛନ୍ତି ଯେ 'ଏହା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଯୁଗ । କୃତ୍ରିମ ବୁଦ୍ଧିମତା (ଏଆଇ), ସ୍ୱୟଂଚାଳିତତା ଏବଂ ନାନୋ ବିଜ୍ଞାନ ଭଳି କ୍ଷେତ୍ରରେ ଦ୍ରୁତ ବିକାଶ କେବଳ ଚିକିତ୍ସା ଗବେଷଣା ନୁହେଁ ବରଂ ଚିକିତ୍ସା ପଦ୍ଧତିଗୁଡ଼ିକୁ ମଧ ଅଧିକ ସଠିକ୍, ପ୍ରଭାବଶାଳୀ ଏବଂ ଦକ୍ଷ କରିଛି ।' ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଆଧୁନିକ ଯୁଗରେ ଚିକିତ୍ସା କ୍ଷେତ୍ରରେ ନିରନ୍ତର ନବସୃଜନ ଏବଂ ଗବେଷଣାକୁ ପ୍ରାଥମିକତା ଦିଆଯିବା ଉଚିତ ।

ସେ ଭାରତର ଚିକିତ୍ସା ବ୍ୟବସ୍ଥାର ପ୍ରଶଂସା କରି କହିଛନ୍ତି ଯେ ଏହା କେବଳ ଉଚ୍ଚମାନର ନୁହେଁ ବରଂ ସମସ୍ତଙ୍କ ପାଇଁ ସୁଲଭ ଏବଂ ସୁଲଭ ମଧ । ବିର୍ଲା କହିଛନ୍ତି, 'ଆମର ଡାକ୍ତରମାନେ ସେମାନଙ୍କର କଠିନ ପରିଶ୍ରମ ଏବଂ ବିଶେଷଜ୍ଞତା ସହିତ ବିଶ୍ୱ ସ୍ତରରେ ଦେଶକୁ ଗର୍ବିତ କରୁଛନ୍ତି, ଯାହାର ଫଳସ୍ୱରୂପ ଆଜି ଭାରତ ଚିକିତ୍ସା ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ପାଲଟିଛି । ବିଶ୍ୱର ଅନେକ ଦେଶର ରୋଗୀ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି ।' ଭାରତର ଔଷଧ କ୍ଷେତ୍ରର ସଫଳତା ବିଷୟରେ ଆଲୋଚନା କରି ସେ କହିଛନ୍ତି ଯେ ଗବେଷଣା ପ୍ରତି ପ୍ରତିବଦ୍ଧତା ଏବଂ ନବସୃଜନର ମନୋଭାବ ଭାରତକୁ ଔଷଧ ଏବଂ ଜୈବ ଚିକିତ୍ସା ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ କରିଛି । ବୈଜ୍ଞାନିକ, ଗବେଷକ ଏବଂ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ଆପଣମାନେ ସମସ୍ତେ ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି । ଆଇପିଏଫ୍ ମେଡିକନ୍-୨୦୨୫ ସମ୍ମିଳନୀକୁ ପ୍ରଶଂସା କରି ବିର୍ଲା ଆଶା ପ୍ରକାଶ କରିଛନ୍ତି ଯେ ଏହି ଦୁଇ ଦିନିଆ ଆଲୋଚନା ଏବଂ ଅଭିଜ୍ଞତାର ଆଦାନପ୍ରଦାନ ଚିକିତ୍ସା ଗବେଷଣାକୁ ନୂତନ ଦିଗ ଏବଂ ଶକ୍ତି ଦେବ । ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏକ ସୁସ୍ଥ, ସଶକ୍ତ ଏବଂ ରୋଗମୁକ୍ତ ଭାରତ ଗଠନ ପାଇଁ ଏକାଠି କାମ କରିବାକୁ ଆହ୍ୱାନ କରିଥିଲେ । ନେପାଳ, ଶ୍ରୀଲଙ୍କା, ମାଲେସିଆ ଏବଂ ୟୁନାଇଟେଡର ଡାକ୍ତରୀ ପ୍ରତିନିଧିମାନେ ମଧ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାଂସଦ କମଲଜିତ ସେହରାୱତ ମଧ ଉପସ୍ଥିତ ଥିଲେ ।

# ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କିତ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ସେସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ସଂପୃକ୍ତ ବିଭିନ୍ନ ବିଭାଗର ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ଶକ୍ତି ଆଦି ସଂପୃକ୍ତ ବିଭାଗର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବୈଷୟିକ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ହୋଇଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ନେଇ ସଂପୃକ୍ତ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ଏକ ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା । ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ ଏବଂ ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ନିର୍ଦ୍ଦିଷ୍ଟହାଟସ୍‌ଆପ୍ ଗ୍ରୁପ୍ କରାଯିବ, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ ।

ଉନ୍ନୟନ ଆୟୁକ୍ତ ଶ୍ରୀମତୀ ଗର୍ଗ ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ । ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ(ରିଅଲ ଟାଇମ ମନିଟରିଂ ) ପାଇଁ ଏକ ସୁଦୃଢ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରାଯାଉଛି । ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା ( ତଦାରଖ ନିୟନ୍ତ୍ରଣ ଏବଂ ତଥ୍ୟ ଅଧିଗ୍ରହଣ) ବ୍ୟବସ୍ଥା ସହ ସଂଯୋଜିତ ହେବ ଏବଂ ସମୟକ୍ରମେ ତାହା ସଂପ୍ରସାରିତ ହୋଇ ଛୋଟ ଛୋଟ ଯୋଜନାଗୁଡିକରେ ଥିବା କମ୍ପ୍ୟୁଟରୀକୃତ ବ୍ୟବସ୍ଥା(ଆଇଓଟି) କୁ ଅନ୍ତର୍ଭୁକ୍ତ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖପାଇଁ ପ୍ରତି ଜିଲ୍ଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ସ୍ଥାପନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ଏଥି ସହିତ, ସମାନ୍ତରାଳ ଭାବେ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପାଣିର ଗୁଣବତା ନିରୀକ୍ଷଣ କୌଶଳ, ଫିଲ୍ଡ ଟେଷ୍ଟିଂ କିଟ୍, ସୁରକ୍ଷିତ ସର୍ବେକ୍ଷଣ ଏବଂ ଜଳ ଜୀବନ ମିଶନ୍ ଆପ ମାଧ୍ୟମରେ ରିଅଲ୍ ଟାଇମ୍ ରିପୋର୍ଟିଂ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ । ଭିତିଭୂମି-କୈନ୍ଦ୍ରିକ ଦୃଷ୍ଟିକୋଣରୁ ସେବା-ବିତରଣ ମୂଳକ ମଡେଲକୁ ପରିବର୍ତନ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ କମିଟି ତରଫରୁ ସଂସ୍ଥାଗତ ପୁନର୍ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ପୂଜ୍ୟ ପୂଜା ମର୍ମରେ ସ୍ୱର୍ଗତ ସଦାଶିବ ମହାନ୍ତିଙ୍କ ୩୧ ତମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ



ଜଳେଶ୍ୱର, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଶାଳିକୋଠା ସ୍ଥିତ ପୂଜ୍ୟ ପୂଜା ମର୍ମରେ ସ୍ୱର୍ଗତ ସଦାଶିବ ମହାନ୍ତିଙ୍କ ୩୧ ତମ ବାର୍ଷିକ ଶ୍ରାଦ୍ଧଉତ୍ସ୍ୱ ସଦାଶିବ ମହାନ୍ତି ସ୍ମୃତି କମିଟିର ସଂପାଦକ ତଥା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ଆହ୍ୱାନ କ୍ରମେ ସ୍ମୃତି କମିଟିର ସଭାପତି ଶ୍ରୀଯୁକ୍ତ ବିପିନ ବିହାରୀ ବିଶ୍ୱାଳଙ୍କ ପୌରହିତ୍ୟରେ ଏକ ସ୍ମୃତି ଚାରଣ ସଭା ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶାଳୀ କୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିବେକାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏ ଅଞ୍ଚଳର ବିଶିଷ୍ଟ ସମାଜସେବୀ,ଧର୍ମପ୍ରାଣ ଓ ଉଜ୍ଜ୍ୱଳ ପୁରୁଷ ସ୍ୱର୍ଗତ ସଦାଶିବ ମହାନ୍ତିଙ୍କ ସ୍ମୃତିରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମ ମୁଖ୍ୟ ଗଣେଷ ଚନ୍ଦ୍ର ପରିଡା, ପଦ୍ମଲାଭ ପ୍ରଧାନ,ଶିଶୁ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ଓଝା,ସ୍ୱର୍ଗତ ମହାନ୍ତିଙ୍କ ସାନ ପୁତ୍ର ଡ଼ାକ୍ତର କାଳିପଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଂସଦର ସମ୍ପାଦକ ହରେକୃଷ୍ଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।ବଶିଷ୍ଟ ଶିକ୍ଷକ ସଞ୍ଜୀବ କୁମାର ପ୍ରାମାଣିକ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ଗୁରୁ ପ୍ରମୋଦ କୁମାର ପଣ୍ଡା, ଗୁରୁ ସୋରଜ ଦାସ ମହାପାତ୍ର ଓ ତବଲା ବାଦକ ଅସିତ୍ ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ରୁପ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ହରିପଦ ମାହାନ୍ତି ଙ୍କ ପୁତ୍ର ଗୀତାଞ୍ଜଳି ଫାଉଣ୍ଡେସନର ସଂପାଦକ ବିଶ୍ୱଜିତ ମହାନ୍ତି ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ବିଷ୍ଣୁପଦ ମହାନ୍ତି, ହରିପଦ ମାହାନ୍ତି, ତାରାପଦ ମାହାନ୍ତି, ଡ.ଅଜିତ କୁମାର ମହାନ୍ତି, ଦେବେନ୍ଦ୍ର ନାଥ ଭୂୟାଁ, କବି ସୁଶିଲ କୁମାର ମାହାନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବାବୁଲୁ ମୁର୍ମୁ, ଆଶିଷ କୁମାର ଦତ୍ତ, ଅନୁରାଧା ରାଉଳ,ଦେବସ୍ମିତା ଗିରି, ଅଦ୍ୟସା ହେମ୍ବ୍ରମ,ପ୍ରଣତି ଦତ୍ତ, ଶୁଭଶ୍ରୀ ପ୍ରଧାନ,ମମତା ଭଞ୍ଜ,ମୌସୁମୀ ପାଳ ପ୍ରମୁଖ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କରଞ୍ଜଆଡିଆରେ ବାହୁଡ଼ାଯାତ୍ରା ଅନୁଷ୍ଠିତ

ବାସୁଦେବପୁର, ୦୬/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ଠାରେ ମହା ସମାରୋହରେ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ମୁଖ୍ୟ ଦାୟିତ୍ୱ ତୁଲାଇ ଥିଲେ। ଏହା ବ୍ୟତୀତ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ବିଭିନ୍ନ ଗ୍ରାମବାସୀ, ରଥ କମିଟି ସଦସ୍ୟ ଓ ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ପାଞ୍ଚ ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ବାହୁଡ଼ା ଯାତ୍ରା ଉତ୍ସବରେ ରାଜା ତାଙ୍କର ଠାକୁରଙ୍କ ସେବା କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ଭକ୍ତ ମାନେ ମନ ଆନନ୍ଦରେ ମାଉସୀ ମା ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରଥକୁ ଟାଣି ମୁଖ୍ୟ ମନ୍ଦିରକୁ ନେଇଥିଲେ। ଭକ୍ତ ମାନେ ମନ ଆନନ୍ଦରେ ନାଚି ନାଚି ରଥ ଟାଣିଥିଲେ ଓ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଓ ସୁନ୍ଦର ଆଧାତ୍ମିକ ପରିବେଶରେ ଏହି ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରୁ ଭକ୍ତ ମାନେ ଏହି ବାହୁଡ଼ା ଯାତ୍ରା ଦେଖିବାକୁ ଭିଡ ଜମାଇଥିଲେ। ଏହି ଉତ୍ସବରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇ ଥିଲା। ଜୟ ଜଗନ୍ନାଥ,ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା ଓ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# ଗେଙ୍ଗୁଟି ନଦୀରେ ବୁଡ଼ି ଛାତ୍ରର ମୃତ୍ୟୁ

ଭଦ୍ରକ, ୦୬/୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଂଚାୟତ ର ବିରୁହା ଗ୍ରାମର ସଂଜିତି କୁମାର ପଣ୍ଡା ଙ୍କ ପୁଅ ଶୁଭମ୍ ପଣ୍ଡା (୧୮) ରବିବାର ଦିନ ୪ ଟା ବେଳେ ଗେଙ୍ଗୁଟି ନଦୀରେ ବୁଡି ଯାଇ ମୃତ୍ୟୁ ବରଣ କରିଛନ୍ତି । ସୁଚନା ଥାଉକି ରବିବାର ଦିନ ୪ ଟା ବେଳେ ଶୁଭମ୍ ନିକଟସ୍ଥ ଗେଙ୍ଗୁଟି ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯାଇଥିଲା। ଭରାନଦୀରେ ଭାସିଯାଇ ଥିଲେ।ସ୍ଥାନୀୟ ଲୋକ ମାନେ ଶୁଭମ କୁ ବହୁ କଷ୍ଟରେ ଉଦ୍ଧାର କରି ଧାମନଗର ଡ଼ାକ୍ତରଖାନା କୁ ନେଇଥିବା ବେଳେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶୁଭମ ଜଣେ ଭଲ ଛାତ୍ର ଓ ମେଳାପି ଥିବାରୁ ତାର ଏହି ଅକାଳ ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଛି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ବାହୁଡ଼ା ଯାତ୍ରା

## ■ଶ୍ରୀମନ୍ଦିର ଆଗରେ କାଳିଆ, ଅଧା ବାଟରେ ସୁଭଦ୍ରା, ବଳିଆ ଜଗିଛି ମାଉସୀ ଘର
## ■ପରମ୍ପରା ମୁତାବକ ଦେବୀ ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା



ବାରିପଦା , ୦୬/୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ବାହୁଡ଼ା ଯାତ୍ରାର ଆଜି ପ୍ରଥମ ଦିନରେ ପ୍ରଥମେ ଜଗନ୍ନାଥଙ୍କ ୧୬ ଚକ ବିଶିଷ୍ଟ ନନ୍ଦିଘୋଷ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରୁ ଭକ୍ତ ମାନେ ଟାଣିନେଇ ଶ୍ରୀ ମନ୍ଦିର ସମ୍ମୁଖ ପହଞ୍ଚାଇ ଥିଲେ। ପରେ ପରେ ଦେବୀ ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତ ମାନେ ଟାଣିନେଇ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ଆଜି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ବହୁ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ ରଥଟାଣି ଥିବା ବେଳେ, କାଳିଆର ନନ୍ଦିଘୋଷ ରଥଦଉଡି ଟିକେ ଧରିବାକୁ ଭକ୍ତମାନେ ବ୍ୟାକୁଳ ହୋଇ ପରସ୍ପର ଭିତରେ ପ୍ରତିଯୋଗିତା କରୁଥିଲେ। ଆଜି ରଥଯାତ୍ରା ପାଇଁ ବାରିପଦା ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା। ବଡ଼ ଦାଣ୍ଡରେ ଖୋଳ କୀର୍ତ୍ତନ, ଓଡିଶୀ, ଛଉ, ପାଇକ ନୃତ୍ୟ ସହ ଆଦିବାସୀ ନୃତ୍ୟର ଝଲକ ମଧ ଦେଖିବାକୁ ମିଳିଥିଲା। ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିସହ ଜୟ ଜଗନ୍ନାଥ ଏବଂ ହରିବୋଲ ଧ୍ୱନୀରେ ଉଛୁଳି ପଡୁଥିଲା ୨ୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡ। ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବ୍ୟାକୁଳ ହେଉଥିଲେ ହଜାର ହଜାର ଭକ୍ତ। ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧାରା ବିବରଣୀ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବଡ଼ ଦାଣ୍ଡର ବିଭିନ୍ନ ସ୍ଥାନରେ ଧାରା ବିବରଣୀ ପ୍ରଦାନ କରାଯାଉଥିଲା। ତେବେ ଆଜି ସୁଭଦ୍ରା ରଥଟଣା ବେଳେ ପ୍ରବଳ ବର୍ଷା ହୋଇଥିଲା। ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳାରେ ସାରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ଆଜି ସମଗ୍ର ବାରିପଦା ବଡ଼ଦାଣ୍ଡ ରଥମୟ ହୋଇ ରହିଥିବାରୁ ଏବଂ ରଥ ଉପରେ ଶ୍ରୀ ବିଗ୍ରହ ମାନେ ବିରାଜମାନ କରିଥିବାରୁ ବର୍ଷା ସତ୍ୱେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ ଏବଂ ପୂଜା କରିବାକୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଲାଗିଛି। ତେବେ ଛୋଟ ମୋଟ ଘଟଣାକୁ ଛାଡି ଦେଲେ ମୋଟାମୋଟି ଶାନ୍ତି ଶୃଙ୍ଖଳାରେ ପ୍ରଥମ ଦିନର ରଥଟଣା କାର୍ଯ୍ୟ ସମ୍ପାଦିତ ହୋଇଛି।

# ଚରମ୍ପାରୁ ୧୮୦ ଲିଟର ବିଦେଶୀ ମଦ ସହ ୨ ଡିପ୍ ଫ୍ରିଜର ଜବତ

ଭଦ୍ରକ, ୦୬/୭ (ନି.ପ୍ର):ଆଜି ଚରମ୍ପାରୁ ସହରାଂଚଳ ଥାନା ପୁଲିସ୍ ଚଢାଉ କରି ୧୮୦ ଲିଟର ବିଦେଶୀ ମଦ ସହ ୨ ଟି ଡିପ୍ ଫ୍ରିଜର ଜବତ କରିଛି। ସୂଚନା ଅନୁସାରେ ପବିତ୍ର ମହରମ ପର୍ବ ପାଇଁ ଭଦ୍ରକରେ ସମସ୍ତ ମଦ ଦୋକାନ ବନ୍ଦ ରହିଥିବାବେଳେ ଚରମ୍ପା ରେଳ ଷ୍ଟେସନ ନିକଟରେ ବେଆଇନ୍ ବିଦେଶୀ ମଦ ବିକ୍ରି ହେଉଥିବାର ଖବର ମିଳିଥିଲା। ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶରେ ଭଦ୍ରକ ସହରାଂଚଳ ଥାନାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଭଦ୍ରକ ରେଲ୍ୱେ ଷ୍ଟେସନ ଅଂଚଳରେ ଚଢାଉ କରିଥିଲେ। ଏବଂ ସେଠାରୁ ବିଭିନ୍ନ କଂପାନୀର ୧୮୦ ଲିଟର ବିଦେଶୀ ମଦ ସହ ୨ ଟି ଡିପ୍ ଫ୍ରିଜର ଜବତ କରିଥିଲା ସହରାଂଚଳ ଥାନା ପୁଲିସ୍। ଏବଂ ଏହି ଘଟଣାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିବା ବିଷୟ ଜଣାପଡିଛି।

# ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ସଫଳ ପାଇଁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୬/୭ (ନି.ପ୍ର): ଆସନ୍ତା ଏଗାର ତାରିଖ ବିରୋଧୀ ଦଳର ନେତା ତଥା କଂଗ୍ରେସର ସରବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ କୁ ସଫଳ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ସଂଯୋଜକ ସଂଜୀବ ଗିରି ଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ର ସମସ୍ତ ବ୍ଲକ୍ ର ପୁର୍ବତନ ସଭାପତି ଙ୍କ ସମେତ ନିର୍ବାଚନ ମଣ୍ଡଳୀ ନେତୃତ୍ୱ ଓ ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇ ବାଲେଶ୍ୱର ଜିଲ୍ଲା ରୁ ଚାରି ହଜାର ରୁ ଅଧିକ କର୍ମୀ ଏହି ସମ୍ବିଧାନ ବଂଚାଅ ସମାବେଶ ରେ ଯୋଗ ଦେବାର ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତି ବୈଠକ ରେ ପ୍ରଦେଶ କଂଗ୍ରେସ କମିଟି ର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ପ୍ରଭାରୀ ପୁର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପିସିସି ର ନିଷ୍ପତ୍ତି କୁ ଉଲ୍ଲେଖ କରିବା ସହିତ ରାହୁଲ ଗାନ୍ଧୀଙ୍କ ଙ୍କ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଉତ୍ସାହିତ କରିଥିଲେ ଓ ଏହି ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକା ଅର୍ଜୁନ ଗଡଗେ ଓ ସଂଗଠନ ସମ୍ପାଦକ କେସି ବେଣୁ ଗୋପାଳ ମଧ ଯୋଗ ଦେବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ଏହି ବୈଠକରେ ପୁର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚଣ୍ଡ ସୁଦର୍ଶନ ଜେନା ଭୋଗରାଇ ନେତା ସତ୍ୟ ଶିବ ଦାସ ସଦର ଯୁବ ନେତା ସରୋଜ ଲେଙ୍କା ସୋର ନେତା ସୁବ୍ରତ ଧଡା ସିମୁଳିଆ ନେତା ହିମାଂଶୁ ବେହେରା ରାଜ୍ୟ ବ୍ୟବସାୟ କଂଗ୍ରେସ ସଭାପତି ଯୋଗେଶ ଅଗ୍ରୱାଲା ନାରି ନେତ୍ରୀ ଅର୍ଚ୍ଚନା ନନ୍ଦୀ ପଦ୍ମ ଲୋଚନ ଲେଙ୍କା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା ବାବାଜୀ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ ମନୋରଞ୍ଜନ ପଣ୍ଡା ଗୋପୀନାଥ ପାଢ଼ୀ ତରୁଣ ଦାସ ରାଜୀବ ପରିଡା ଉପେନ୍ଦ୍ର ବେହେରା କହ୍ନେଇ ବେହେରା ଜୟନ୍ତ ମହାପାତ୍ର ନିରଞ୍ଜନ ବେହେରା ଅରୁଣ ଜେନା ରାମାୟଣ ଶତପଥୀ ଦେବଦତ୍ତ ଦାସ ବାସନ୍ତୀ ସାମଲ ଜ୍ୟୋତ୍ସ୍ନା ସେନାପତି ଉର୍ମିଳା ମାଝୀ ହେମଲତା ଦାସ ବାସନ୍ତୀ ନାୟକ ସୁଷମା ନାୟକ ସେକ ଫରିଦ ଗିରିଜା ଶଙ୍କର ଦାସ ହେମନ୍ତ ଗିରି ଜଗଦୀଶ ନନ୍ଦୀ ଅଜଗର ଅଲି ଯୁବ ନେତା ରଞ୍ଜନ ଦାସ ସୁଦାମ ପାତ୍ର ଲକ୍ଷ୍ମୀ ଧର ବାରିକ୍ ଙ୍କ ସମେତ ଜୁବୁଲି ପଣ୍ଡା ହରିଶଙ୍କର ଜେନା କେଶବ ନାୟକ ଗୌରୀ ଶଙ୍କର ଜେନା ଜଗନ୍ନାଥ ମହାପାତ୍ର ବିଦ୍ୟାଧର ମହାନ୍ତି ବହୁ କଂଗ୍ରେସ କର୍ମୀ ଓ ନେତୃତ୍ୱ ଉପସ୍ଥିତ ଥିଲେ। ଶେଷରେ ସୁଧାଂଶୁ ଶେଖର ଜେନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହଣ ମହଣ ସୁନାରେ...

ଦଇତାପତି ସେବକମାନେ ଏନେଇ ଯତ୍ନବାନ ହେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଅବରୋଧ ମୁକ୍ତ ଦର୍ଶନ ପାଇଁ ଦଇତାପତି ନିଯୋଗ କର୍ମକର୍ତ୍ତା ତତ୍ପରତା ଦେଖାଇବେ । ରଥରେ ମୋବାଇଲ୍ ଓ କ୍ୟାମେରା ବ୍ୟବହାର ନକରିବାକୁ ପରାମର୍ଶ ଦିଆଯାଇଛି । ଶ୍ରୀଜିଉଙ୍କର ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅର୍ଥାତ ବଡତଡାଉ ବେଶ ଅନ୍ୟତମ। ଶ୍ରୀବଳଭଦ୍ର ଶ୍ରୀପୟର, ଶ୍ରୀଭୁଜ, କିରିଟି, ଘାଗଡାମାଳି, କଦମ୍ବମାଳି, କାନ କୁଣ୍ଡଳ, କମରପଟି, ଆଡକାନି, ଚନ୍ଦ୍ରିକା, ସେବତୀ ମାଳି, ବାଘନଖ ମାଳି, ବାହାଡାମାଳି, ଅସ୍ତ୍ରହଳ ଓ ମୁଷଳ, ତିଳକ, ତ୍ରୀଖଣ୍ଡିକା,ଓ ଝୋବାକଣ୍ଟି,ଆଦି ପରିଧାନ କରିଥାନ୍ତି। ଦେବୀ ସୁଭଦ୍ରାଙ୍କୁ କିରିଟି, ଓଡିଆଣି, କାନ, ଚନ୍ଦ୍ରସୂର୍ଯ୍ୟ, ଦୁଇଟି ତଗଡି, ସେବତୀ ମାଳି, ଘାଗଡାମାଳି, କଦମ୍ବମାଳି ଆଦି ପରିଧାନ କରିଥାନ୍ତି। ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀପୟର, ଶ୍ରୀଭୁଜ, କିରିଟି, ଆଦି ଅନେକ ସୁନା ଅଳଙ୍କାର ସହ ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ, କମରପଟି, କର୍ଣ୍ଣକୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡାମାଳି, କଦମ୍ବମାଳି, ତିଳକତ୍ରୀଖଣ୍ଡିକା, ସେବତୀମାଳି, ଝୋବା କଣ୍ଠି, ତାବିଜ ମାଳି ଓ ବାହାଡା ମାଳି ପରିଧାନ କରି ଭକ୍ତଙ୍କୁ ରଥ ଉପରେ ସୁନା ବେଶରେ ଦର୍ଶନ ଦେଉଛନ୍ତି। ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ଝଲସୁଛନ୍ତି ଶ୍ରୀଜିଉ। ଏହି ମନମୁଗ୍ଧକର ବେଶ ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବାରୁ ଏହି ବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

### ରାଜ୍ୟ ବିଜେପି ...

ରାଜ୍ୟରେ ସରକାର ଗଠନ କରିପାରିଛି। ଏକାସଙ୍ଗେ ୨୦ ଜଣ ସାଂସଦ ଜିତିଥିବାରୁ ଦଳ ତାଙ୍କୁ ରିପିଟ୍ କରି ପୁଣିଥରେ ପୁରସ୍କାର ଦେଇପାରେ। ମନମୋହନଙ୍କ ବ୍ୟତୀତ ରାଜ୍ୟ ସଭାପତି ଦୌଡରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବର୍ତ୍ତମାନ ରାଜ୍ୟ ଉପ-ସଭାପତି ଗୋଲକ ମହାପାତ୍ରଙ୍କ ନାଁ ନେଇ ବି ଚର୍ଚ୍ଚା ହେଉଛି। ବିଜେପି ରାଜ୍ୟ ସଭାପତି ଚୟନକୁ ନେଇ ଦୀର୍ଘଦିନ ଧରି ଦଳରେ ସଂଶୟ ଲାଗି ରହିଥିଲା। ଏବେ ଦେଖିବା ନିର୍ବାଚନ ନେଇ ତାରିଖ ଘୋଷଣାପରେ ଦଳ କାହା ମୁଣ୍ଡରେ ସଭାପତି ମୁକୁଟ ପିନ୍ଧାଉଛି।

### ଆମ ସରକାରରେ...

ନିର୍ବାହୀ ଅଧିକାରୀ (ଓଆରଏସ୍)ଙ୍କୁ ତାଙ୍କ କାର୍ଯ୍ୟାଳୟରେ ବନ୍ଦ କରି ୮ ଘଣ୍ଟା ଧରି ଅଟକ ରଖିଥିଲେ ବିଜେଡି ନେତା। ଏମିତିକି ଔଷଧ ଖାଇବାକୁ ଛାଡ଼ିଲେନି। ଏ ବାବଦରେ ସେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅଭିଯୋଗ ମଧ କରିଥିଲେ । ତେବେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ।

### ଟ୍ରମ୍ପଙ୍କୁ ଟକ୍କର ...

ରାଜନୈତିକ ଭାବେ ଟକ୍କର ଦେବାକୁ ପ୍ରସ୍ତୁତ ହେଉଛନ୍ତି ମସ୍କ । ଗୋଟିଏ ପାର୍ଟି ସିଷ୍ଟମରୁ ଆମେରିକୀୟଙ୍କୁ ମୁକ୍ତି ମିଳିବ ବୋଲି କହିଛନ୍ତି ମସ୍କ । କେବଳ ଏତିକି ନୁହେଁ ଏକ ସର୍ଭେ ଅନୁଯାୟୀ ୨-୧ ଅନୁପାତରେ ଆମେରିକୀୟ ମାନେ ନୂଆ ରାଜନୈତିକ ଦଳ ବିକଳ୍ପର ଇଚ୍ଛା ପ୍ରକାଶ କରିବା ପରେ ଏହି ଦଳ ଗଠନ ନେଇ ନିଷ୍ପତ୍ତି ହୋଇଥିବା ମସ୍କ କହିଛନ୍ତି । ଟେସଲା ମାଲିକ ଏଲନ ମସ୍କଙ୍କ ଏପରି ଘୋଷଣା ପରେ ଆମେରିକାର ରାଜନୈତିକ ହଲଚଲ ବଢ଼ିଯାଇଛି ।

### ମସୁଦ ଓ ଆଝାରକୁ ପ୍ରତ୍ୟର୍ପଣ...

ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଯେଉଁ ମାମଲା ରୁଜୁ ହୋଇଛି ତାହା ପାକିସ୍ତାନ ସହିତ ଜଡ଼ିତ, ଯେପରିକି ଆତଙ୍କବାଦୀ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଣ । ତେବେ ଭାରତ ଏ ବାବଦ ତଦନ୍ତ ସର୍ତ୍ତ ପୂରଣ କରୁନଥିବାରୁ ସୀମାପାର ଆତଙ୍କବାଦ ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଷ୍ଟକର ବୋଲି ସେ କହିଛନ୍ତି । ଦୋଷୀ ସାବ୍ୟସ୍ତ ହେବା ପାଇଁ ଆବଶ୍ୟକ କେତେକ ଦସ୍ତାବିଜ ଭାରତ ପ୍ରଦାନ କରିପାରିନାହିଁ ବୋଲି ବିଲାଓ୍ୱଲ କହିଛନ୍ତି । ଅନ୍ୟପକ୍ଷରେ ହାଫିଜ ଓ ମସୁଦର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ପଚରାଯିବାରୁ ବିଲାଓ୍ୱଲ କହିଛନ୍ତି ଯେ ହାଫିଜ ଏବେ ଜେଲ୍ ?ରେ ଥିବା ବେଳେ ଇସଲାମାବାଦ ବିଶ୍ୱାସ କରୁଛି ଯେ, ମସୁଦ ଆଫଗାନିସ୍ତାନରେ ରହିଛି । ମସୁଦକୁ ନେଇ ବିଲାଓ୍ୱଲଙ୍କ ଏଭଳି ବୟାନକୁ ବିଭିନ୍ନ ମହଲ କଡ଼ା ସମାଲୋଚନା କରାଯାଇଛି । ମସୁଦ ପାକିସ୍ତାନରେ ହିଁ ଅଛି ଏବଂ ତାକୁ ପୁଲିସ ଓ ସେନା ପକ୍ଷରୁ ସୁରକ୍ଷା ଦିଆଯାଉଥିବା ବେଳେ ବିଲାଓ୍ୱଲଙ୍କ ବୟାନକୁ ନେଇ ଅନେକ ବିସ୍ମୟ ପ୍ରକଟ କରିଛନ୍ତି ।

### ସ୍ମାର୍ଟ ସହର ପାଲଟିଲାଣି ...

ବିଏମସିର ଏଭଳି ଅବଦାନ ପାଇଁ ଜମା ହେଉଥିବା ବର୍ଷା ପାଣିରେ ଜନ୍ମ ନେଉଛନ୍ତି ଭୁବନେଶ୍ୱର ନୂଆ ଅତିଥି ଡେଙ୍ଗୁ । ସଫେଇ ଗାଡ଼ିରେ ସିନା ଅଳିଆ ଉଠେଇ ଦେଉଛି ବିଏମସି କିନ୍ତୁ ଡ୍ରେନେଜ୍ ସମସ୍ୟା ଦୂର କରିବାରେ ଯେମିତି ହାତରୁ ତା'ର ପଇସା ଖର୍ଚ୍ଚ ହେଲା ଭଳି କୁଣ୍ଠାବୋଧ କରୁଛି । ମଶା ତେଲ ବି ସହର ପାଇଁ ସତେ ଯେମିତି ଏକ ପ୍ରଦର୍ଶନୀ ମେଳା ଭଳି । ମାସେ, ଦୁଇମାସେ କିମ୍ବା ୩ ମାସର ଅନ୍ତରାଳରେ ମନହେଲେ ସ୍ପ୍ରେ କରିଦେଉଛି ବିଏମସି । ଆଉ ପୁଣି ଯୋଉ କଥାକୁ ସେଇ କଥା । ଡେଙ୍ଗୁ ହେଉ କି ମ୍ୟାଲେରିଆ କିମ୍ବା ଡାଇରିଆ ଯାହା କିଛି ହେଲେ ବି ବିଏମସିର ବଡ଼ ବଡ଼ ବାବୁଙ୍କୁ ଫରକ୍ ପଡ଼େନି । କାରଣ ସରକାର ବଦଳିବା ପୂର୍ବରୁ ଯେମିତି ସମସ୍ୟା ଭୋଗୁଥିଲେ ରାଜଧାନୀବାସୀ ଏବେ ସରକାର ବଦଳିବା ପରେ ବି ସମାନ ସ୍ଥିତି । ଖଟିରେ ବିଏମସିକୁ ନେଇ ଯେଉଁ ଚର୍ଚ୍ଚା ହେଉଛି ଦେଖିବା କେବେ ଆମ ବାବୁଙ୍କର ନିଦ ଭାଙ୍ଗୁଛି ଆଉ ଭୁବନେଶ୍ୱର ଡେଙ୍ଗୁ କବଳରୁ କେବେ ମୁକ୍ତି ପାଉଛି।

### ଜଗାଙ୍କ ସପକ୍ଷରେ ବାହାରି ...

ଜଗା ପ୍ରଧାନଙ୍କ ନାଁରେ ଏଫଆଇଆର ନାହିଁ, ସେ ସ୍ଥାନରେ ବି ସେ ନଥିଲେ । ମାତ୍ର ବିଜେଡିର ଦିବ୍ୟଶଙ୍କର, ଅରୁଣ ସାହୁ ଓ ପ୍ରତାପ ଜେନାଙ୍କ ନାଁରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ଥିଲେ ବି ଗିରଫ କରାଯାଇଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି । ଯେଉଁ ଅଫିସର ଲୋକଙ୍କ ସହ ନରହିବେ, ଲୋକେ ରାଗିବା ସ୍ୱାଭାବିକ ବୋଲି କହିଛନ୍ତି ଜୟ ନାରାୟଣ । ଅନ୍ୟପଟେ ଜୟନାରାୟଣଙ୍କ ଅଭିଯୋଗ ନେଇ ଓଏଏସ୍ ସଂଘ କିମ୍ବା ବିଜେଡିର ପ୍ରତିକ୍ରିୟା ମିଳିପାରିନି । ଭୁବନେଶ୍ୱର ମୁନିସିପାଲିଟି କର୍ପୋରେସନ୍ (ବିଏମ୍ସି) କାର୍ଯ୍ୟାଳୟର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଏବଂ ଏଥିରେ ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ରାଜ୍ୟ ରାଜନୀତି ଏବେ ଉଠୁଛିପଡୁଛି । ବିରୋଧୀ ବିଜୁ ଜନତା ଦଳ ଏହାକୁ ଏକ ବଡ଼ ରାଜନୈତିକ ଅସ୍ତ୍ର କରି ମୋହନ ମାଝୀ ସରକାରକୁ ଘେରିବା ପାଇଁ ଚେଷ୍ଟା କରିଥିଲା ଏବଂ ଏହି ଚାପ ଯୋଗୁଁ ଜଗନ୍ନାଥ ଗୁରୁବାର ଦିନ ସଂଧ୍ୟାରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଛନ୍ତି । ଜଗନ୍ନାଥ ପ୍ରଧାନ ଏବେ ଝାରପଡ଼ା ଜେଲ୍‌ରେ । ଏହା ସହିତ ଓଡ଼ିଶା ପ୍ରଶାସନିକ ସେବା ବା ଓଏଏସ୍ ଅଧିକାରୀ ସଂଘ ଯେଉଁ 'କଲମ ଛାଡ଼' ଆନ୍ଦୋଳନ ଡାକରା ଦେଇଥିଲା, ତାହା ପ୍ରତ୍ୟାହୃତ ହୋଇଛି । ରତ୍ନାକର ସାହୁ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ । ଏଣୁ ତାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ନେଇ ଓଏଏସ ସଂଘ କ୍ଷୁବ୍ ?ଧ ହେବା ସ୍ୱାଭାବିକ । ଏହି ଦୃଷ୍ଟିରୁ ସଂଘ 'କଲମ ଛାଡ଼' ଆନ୍ଦୋଳନ ଡାକରା ଦେଇ ପ୍ରଶାସନିକ ବ୍ୟବସ୍ଥାକୁ ଏକ ପ୍ରକାର ଅଚଳ କରିଦେଇଥିଲା । ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା ।

# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ



ବାଲିଆପାଳ, ୦୬/୭ (ନି.ପ୍ର): ଉ ର ବାଲେଶ୍ୱରର ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଆଜି ମହାପ୍ରଭୁଙ୍କ ସୁନା ବେଶ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ,ମଇଲମ ,ତଡପଲାଗି ,ଅବକାଶ,ସକାଳ ଧୂପ ପ୍ରଭୃତି ପୂଜାପାଠ କରାଯାଇ ଶ୍ରୀ ଜୀଉ ମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇଥିଲା । ଅପରାହ୍ନରେ ଚତୁର୍ଦ୍ଧାମୂର୍ତିକୁ ବିଭିନ୍ନ ସୁନା ଅଳଙ୍କାରେ ବିଭୂଷିତ କରାଯାଇଥିଲା । ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ବେଶ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଶହ ଶହ ଭକ୍ତ ମନ୍ଦିର ପରିସରରେ ଏହି ବେଶ ଦର୍ଶନ ପାଇଁ ଭିଡ ଜମାଇଥିଲେ । ଆସନ୍ତା କାଲି ଅଧରପଣା ଏବଂ ମଙ୍ଗଳବାର ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା,ସୋମନାଥ ପାଣିଗ୍ରାହୀ , କୁମାର କୌସ୍ତବ ପାଠୀ, ପୁଲୀନକାନ୍ତ ରଥ, ଲୋକନାଥ ପାଠୀ ପ୍ରମୁଖ ସେବାୟତମାନେ ସେବା କାର୍ଯ୍ୟ କରିଥିଲା ବେଳେ ମନ୍ଦିର ପରିଚାଳନା କମିଟିର ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ଇଂ ସୁଶାନ୍ତ ଚକ୍ରବର୍ତୀ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ସାହୁ ପ୍ରମୁଖ ପରିଚାଳନା କରିଥଲେ ।

ସୋମବାର, ଜୁଲାଇ ୦୭, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର: ୯୧ ଶିଶୁଙ୍କୁ ଚିକିତ୍ସା ସହ ଔଷଧ ବାଣ୍ଟିଲେ ଶିଶୁରୋଗ ବିଶେଷଜ୍ଞ

ଖଇରା, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ଡା ବ୍ରଜ ସୁନ୍ଦର ସ୍ୱାଇଁ ଙ୍କୁ କିଏ ବା ନ ଜାଣେ । ଡାକ୍ତରୀ ପେଶାରୁ ସ୍ୱେଚ୍ଛାକୃତ ଅବସର ପରେ ଗାଁ ଗାଁରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଶିଶୁ ମାନଙ୍କୁ ଚିକିତ୍ସା କରିବା ତାଙ୍କର ନିୟମିତ ଅଭ୍ୟାସରେ ପରିଣତ ହୋଇ ଯାଇଛି । ୨ବର୍ଷ ଭିତରେ ସେ ୩୦ରୁ ଅଧୀକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ମାଧ୍ୟମରେ ୪ହଜାରରୁ ଅଧୀକ ଶିଶୁଙ୍କ ଚିକିତ୍ସା କରି ସାରିଲେଣି । ରବିବାର ବର୍ଦ୍ଧନା ବଜାରରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏକ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ସେ ଜନ୍ମିତ ଶିଶୁ ଠାରୁ ୧୪ବର୍ଷର ପିଲା ମଧ୍ୟରେ ମୋଟ ୯୧ଜଣଙ୍କର ଚିକିତ୍ସା କରିଥିବା ବେଳେ ନିଜ ଖର୍ଚ୍ଚରେ ସମସ୍ତଙ୍କ ଲାଗି ଔଷଧର ବ୍ୟବସ୍ଥା କରିଥିଲେ । ସନ୍ଧ୍ୟାରାଣୀ ବେହେରା,ପ୍ରିତିଲତା ସାହୁ,ବ୍ରଜକିଶୋର ମଲ୍ଲିକ,ଚର୍ଚ୍ଚିତା ମହାନ୍ତି,ପୁଷ୍ପା ରାଉତ ପ୍ରମୁଖ ପଞ୍ଜିକରଣ ଏବଂ ଔଷଧ ବଣ୍ଟନରେ ସହାୟତା କରିଥିଲେ । ସେହିଭଳି ନିକଟସ ଗ୍ରାମରୁ ଶିତିକଣ୍ଠ ପଟ୍ଟନାୟକ,ଶୁକ ସାହୁ,ପ୍ରଫୁଲ୍ଲ ସାହୁ,ସୁଧାଂଶୁ କୁମାର ସିଓ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



# ଜୁଲାଇ ୯ ସର୍ବଭାରତୀୟ ସାଧାରଣ ଧର୍ମଘଟର ସଫଳତା ପାଇଁ ଚାନ୍ଦବାଲିରେ ସଭା ଓ ଶୋଭାଯାତ୍ରା

ଚାନ୍ଦବାଲି, ୦୬/୭ (ନି.ପ୍ର): ଆମ ଦେଶର ସମ୍ବିଧାନର ସୁରକ୍ଷା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ସମସ୍ତ ଚାଷୀ ମାନଙ୍କ କୃଷି ଋଣ ଛାଡ କରିବା, ଆଦିବାସୀ- ଦଳିତ- ମହିଳା- ସଂଖ୍ୟାଲଘୁ ମାନଙ୍କ ଉପରେ ଆକ୍ରମଣ ବଂଦ କରିବା, ଓଡିଶା ସମେତ ଭାରତ ବର୍ଷର ସମସ୍ତ ଡବଲ୍ ଇଞ୍ଜିନ୍ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ବିଭିନ୍ନ ଟ୍ରେଡ୍ ୟୁନିୟନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଆସନ୍ତା ଜୁଲାଇ,୯ ସର୍ବଭାରତୀୟ ସାଧାରଣ ଧର୍ମଘଟର ଡାକରା ଦିଆଯାଇଛି । ଏହି ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଚାନ୍ଦବାଲି ବ୍ଲକରେ ସଫଳ କରିବା ପାଇଁ ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ଗଣସଂଗଠନ ଗୁଡିକ ପକ୍ଷରୁ ମିଳିତ ଭାବେ ଚାନ୍ଦବାଲି ବସଷ୍ଟାଣ୍ଡ ଠାରୁ ଏକ ଲାଲ୍ ଶୋଭାଯାତ୍ରା ବାହାରି ଚାନ୍ଦବାଲି ସହର ପରିକ୍ରମା କରି




ଚାନ୍ଦବାଲି ବସଷ୍ଟାଣ୍ଡ ଠାରେ ଏକ ସାଧାରଣ ସଭା ସିପିଆଇ(ଏମ) ର ଯୁବ ନେତା ବିକାଶ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାଧାରଣ ସଭାରେ ସିଆଇଟିୟୁ ର ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିପିଆଇ ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ ଜିଲ୍ଲା ସଂପାଦକ ସୁଶାନ୍ତ ଜେନା, ଏସ୍ ୟୁସିଆଇ ଜିଲ୍ଲା ସଂପାଦକ ରାମଚନ୍ଦ୍ର ଶଙ୍ଖୁଆ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିପିଆଇଏମ ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିପିଆଇ ଚାନ୍ଦବାଲି ଜୋନ ସଂପାଦକ ଅନନ୍ତ ମହାନ୍ତି, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଓଡିଶା ଦଳିତ ମହାସଂଘ ଜିଲ୍ଲା ସଭାପତି ଅଞ୍ଜନ ଦାସ, ଯୁବ ନେତା ହାକିମ ଦାସ, ସିପିଆଇ ର ଯୁବ ନେତା ଗୌରହରି ମିଶ୍ର, ଚାଷୀ ନେତା ବ୍ରହ୍ମାନନ୍ଦ ପରିଡା, ଭାଗିରଥି ରାଉତ, ରମାକାନ୍ତ ବେହେରା, ଗଙ୍ଗାଧର ମହାଳିକ, ଯୁବନେତା ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ସର୍ବଭାରତୀୟ ସାଧାରଣ ଧର୍ମଘଟ କୁ ଚାନ୍ଦବାଲି ବ୍ଲକରେ ସଫଳ କରିବା ପାଇଁ ତାଙ୍କ ବକ୍ତବ୍ୟରେ ଆହ୍ୱାନ ଜଣାଇଥିଲେ ।

# ବିନା ଫଳକରେ ପୋଲ କମ: ତଦନ୍ତ ଦାବି

ଲଙ୍ଗଳେଶର, ୦୬/୭ (ନି.ପ୍ର): ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତା ର ଖାଲ ମୁହାଁଣୀ ଚଟାଣ ରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ ହେଉଛି । ଏହି ପୋଲ ନିର୍ମାଣ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, ନିର୍ମାଣ ର ସମୟ ଅବଧି, କିଏ ଠିକାଦାର ଇତ୍ୟାଦି ସମ୍ପର୍କ ରେ କିଛି ଜାଣି ହେଉ ନାହିଁ । ପୂର୍ତ୍ତ ଓ ଗୃହ ନିର୍ମାଣ ଯନ୍ତ୍ରୀଙ୍କ ସହିତ ମଧ ଯୋଗା ଯୋଗ ହୋଇ ପାରୁନାହିଁ । ପୋଲ କାମ ପୂର୍ବରୁ ପୋଲ ନିକଟରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ମରାଯିବା କଥା । ମାତ୍ର ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲା ସୁତୁରାରୁ ଏଭଳି ହୋଇ ନାହିଁ ବୋଲି ସାଧାରଣ ରେ ଆଲୋଚନା ହେଉଛି । ତେବେ କାମ ଅତି ନିମ୍ନ ମାନର ହୋଇଥିବା ବାରିହୋଇ ପଡୁଛି । ଏହାର ଏକ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳନ



ବସ୍ତା, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ପକ୍ଷରୁ ଗହୀର ସିମୁଳିଆ ସ୍ଥିତ ବାସନ୍ତୀ ପ୍ଲାଜା ପରିସରରେ ମା ପାଇଁ ଗଛ ଟିଏ ଏବଂ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି । କମିଟିର ସଭାପତି ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା ପାଇଁ ଗଛ ଟିଏ ସଚେତନତା କାର୍ଯ୍ୟକ୍ରମ ହେବା ସହିତ ୬୦ ନମ୍ବର ଜାତୀୟ ରାଜପଥ କଡରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା ବେଳେ କମିଟିର ସଦସ୍ୟ ମାନଙ୍କ ଦ୍ୱାରା ଅତି କମରେ ଦୁଇ ବର୍ଷ ଚାରା ଗୁଡିକର ଯତ୍ନ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କମିଟିର ସଦସ୍ୟ ହରିଶ୍ଚନ୍ଦ୍ର ପ୍ରଧାନ, ମାର୍କଣ୍ଡ ପ୍ରଧାନ, ବରେନ୍ଦ୍ର ଷଡଙ୍ଗୀ, ସହଦେବ ପ୍ରଧାନ, ଅମରନାଥ ସୋରେନ, ରତିକାନ୍ତ ବେହେରା, ସାମରାୟ ମୁର୍ମୁ, ଶିବ ନାୟକ, ତାପସ ବେହେରା, ମୃତ୍ୟୁଞ୍ଜୟ ଜେନା, ନଗେନ୍ ବେହେରା ବିନୋଦ ଦତ୍ତ ପ୍ରମୁଖ ଚାରା ରୋପଣ କାର୍ଯକ୍ରମରେ ସହଯୋଗ କରିଥିଲେ ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୦୬/୭ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭଦ୍ରକ ମହାବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ଆନୁକୁଲ୍ୟ ରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ର ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ପିଲାମାନଙ୍କୁ ପ୍ରତିଯୋଗିତା ପୂର୍ଣ୍ଣ ସମାଜରେ ନିଜର ଅଧବସାୟ ଓ ଶୃଙ୍ଖଳା ବଳ ରେ ନିଜ ଲକ୍ଷରେ ପହଂଚି ହେବ ବୋଲି ମତ ବ୍ୟକ୍ତ କରି ଥିଲେ । ମୁଖ୍ୟବକ୍ତା ଭାବରେ ଡ଼ ଶୈଲେନ୍ଦ୍ର କୁମାର ମହାପାତ୍ର ମହାବିଦ୍ୟାଳୟ ର ଗୌରବମୟ ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଓ ସମ୍ମାନିତ ଅତିଥି ଭାବରେ ଡ ଦେବେନ୍ଦ୍ର ନାଥ ରାଉତ ଯୋଗ ଦେଇ ମହାବିଦ୍ୟାଳୟର ପ୍ରତିଷ୍ଠା ଦିଗରେ ଦିବଂଗତ ଛକଡି ମହାନ୍ତି ଓ ନରେନ୍ଦ୍ର ଦାସ ସମ୍ପର୍କ ରେ ଅବଗତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ ଦୁର୍ଗା ଶଙ୍କର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସର ରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଯୁକ୍ତ ତିନ ଶେଷ ବର୍ଷ ପରୀକ୍ଷା ରେ ବିଭିନ୍ନ ବିଭାଗ ରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ପରୀକ୍ଷା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।

# ମାନବାଧିକାର ମିଶନ ବଡ଼ସାହି ଶାଖାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ବଡ଼ସାହି, ୦୬/୭ (ନି.ପ୍ର): ମାନବାଧିକାର ମିଶନ, ବଡ଼ସାହି ଶାଖାର ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ହାଟ ନିକଟସ୍ଥ ଶ୍ରୀମତୀ ସାମାଜିକ ସେବା ସଦନ କଲ୍ୟାଣ ମଣ୍ଡପରେ ଅବସ୍ଥିତ ଶାଖାର ସ୍ଥାୟୀ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମ୍ପାଦକ ରଣଜିତ କୁମାର ଦାସଙ୍କ ଆହ୍ୱାନ କ୍ରମେ ଶାଖାର ସଭାପତି ସୁବୋଧ କୁମାର ଦଣ୍ଡପାଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପୁରାତନ ସଭ୍ୟ/ସଭ୍ୟାଙ୍କର ନାମର ପୁନଃ ନବୀକରଣ ପ୍ରକ୍ରିୟା ସମ୍ପାଦନ ସହ ନୂତନ ସଭ୍ୟ ରୂପେ ରାଜେନ୍ଦ୍ର କୁମାର ଜେନା,ସନ୍ତୋଷ କୁମାର ବିଶ୍ୱାଳ, ଅଜିତ କୁମାର ମହାନ୍ତି, କୃପାସିନ୍ଧୁ ବେରା,ଲଳିତ କୁମାର ମହାନ୍ତି,ସରୋଜ କୁମାର ବେହେରା ଓ ଦୀପକ କୁମାର ବୁଗୁଡ଼େଇଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ପ୍ରାରମ୍ଭ କରାଯାଇ ସେମାନଙ୍କୁ ସ୍ୱାଗତ ସମ୍ଭାଷଣ ଜ୍ଞାପନ କରାଯାଇଥିଲା । ବୈଠକରେ ବରିଷ୍ଠ



ସଦସ୍ୟା ସୁବାସିନୀ ପତି,ସଦସ୍ୟ କେଶବ ଚନ୍ଦ୍ର ସାହୁ,ଅମିୟ କୁମାର ବଳା,ଭବେଶ ଚନ୍ଦ୍ର ସାହୁ,ସୁଧୀର କୁମାର ଜେନା, ମୃତ୍ୟୁଞ୍ଜୟ ଦ୍ୱିବେଦୀ, ଜୟନ୍ତ କୁମାର ବଳା,କେଶବ ଚନ୍ଦ୍ର ଦାସ,ତପନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ବିବିଧ ପ୍ରସ୍ତାବ ଆଗତ କରିଥିଲେ । ତଦନୁସାରେ ମାସର ପ୍ରତି ଶେଷ ରବିବାର ଶାଖାର ମାସିକ ବୈଠକ ନିୟମିତ ଭାବେ ଶାଖାର ସ୍ଥାୟୀ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହେବାର ସ୍ଥିର ହୋଇଥିଲା । ଶାଖାର କାର୍ଯ୍ୟାଳୟରେ ବ୍ୟବହାର ନିମନ୍ତେ ଆବଶ୍ୟକ ଆସବାବପତ୍ରର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶାଖାର ସମସ୍ତ ସଭ୍ୟ,ସଭ୍ୟା ଶାଖା ପାଇଁ ଉଦ୍ଦିଷ୍ଟ ହ୍ୱାଟ୍ସଆପ୍ ଗ୍ରୁପରେ ପ୍ରେରିତ ବାର୍ତ୍ତାକୁ ଅନୁସରଣ କରି ଦାୟିତ୍ୱ ସମ୍ପାଦନ କରିବାକୁ ସୂଚିତ କରାଯାଇଥିଲା । ସର୍ବୋପରି ମିଶନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପରିପୂରଣ ପାଇଁ ସମସ୍ତେ ଚେଷ୍ଟିତ ରହିବେ ବୋଲି ଆଶା , ବିଶ୍ୱାସ ଓ ଭରସାର ସହିତ କାମନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାଖାର ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମର ସଫଳ ସମାପ୍ତି ପରେ ଶାଖାର ବ୍ଲକ୍ ମିଡିଆ ସମ୍ପାଦକ ଅମିୟ କୁମାର ବଳା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଏସଓୟୁରେ ୧୦ ଶିଳ୍ପ କେନ୍ଦ୍ରିତ ଦକ୍ଷତାବୃଦ୍ଧି ପାଠ୍ୟକ୍ରମ ଆରମ୍ଭ



ବାଲେଶ୍ୱର: ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ)ରେ ଏହାର ଶିଳ୍ପ ସହଯୋଗୀ 'ଉଲ୍ଲେଖ' ସହଯୋଗରେ ୧୦ଟି ଶିଳ୍ପକେନ୍ଦ୍ରିତ ଦକ୍ଷତା ବୃଦ୍ଧି ପାଠ୍ୟକ୍ରମର ଏକ ସେଟ 'ଦକ୍ଷତା' ଆଜିଠାରୁ ଆରମ୍ଭ ହୋଇଛି । ଦେଶ ତଥା ରାଜ୍ୟର ଇଞ୍ଜିନିୟରିଂ ଏବଂ ଅଣଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟକରି ଏହି ୧୦ଟି ସ୍ୱତନ୍ତ୍ର ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ କୃତ୍ରିମ ବୁଦ୍ଧିମତ୍ତା, କର୍ପୋରେଟ ଯୋଗାଯୋଗ, ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ଡାଟା ବିଜ୍ଞାନ ଏବଂ ମେସିନ ଲର୍ଣ୍ଣିଙ୍ଗ, ଡିଜିଟାଲ ମାର୍କେଟିଂ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ, ପାଇଥନ୍ ପ୍ରୋଗ୍ରାମିଂ, ସୋସିଆଲ ମିଡିଆ ମାର୍କେଟିଂ ଏବଂ ୱେବ ଟେକ୍ନୋଲୋଜି ଆରମ୍ଭ ହୋଇଛି । ପ୍ରତ୍ୟେକ ପାଠ୍ୟକ୍ରମ ୩ କ୍ରେଡିଟ ସହ ସଂରଚିତ, ଯେଉଁଥିରେ ୯୦ ଘଣ୍ଟାର ଅଧ୍ୟୟନ ଅନ୍ତର୍ଭୁକ୍ତ ଏବଂ ଜାତୀୟ କ୍ରେଡିଟ ପ୍ରେ ଫ୍ରେମୱାର୍କ ସହିତ ସଂଯୁକ୍ତ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ପାଠ୍ୟକ୍ରମ ଗୁଡ଼ିକ ବର୍ତ୍ତମାନ ଦକ୍ଷତା ୱେବ ପ୍ଲାଟଫର୍ମ ସହ ଦକ୍ଷତା ମୋବାଇଲ ଆପ୍ ମାଧ୍ୟମରେ ଉପଲବ୍ଧ, ଯାହାକୁ ଗୁଗୁଲ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରାଯାଇପାରିବ, ଯାହା ଛାତ୍ର ଏବଂ ପେସାଦାର ଉଭୟଙ୍କୁ ସହଜରେ ପ୍ରବେଶ ଏବଂ ଶିଖିବା ପାଇଁ ସହଜ ସାଧ୍ୟ ହେବ । ଉଦଘାଟନ ସମାରୋହରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଉପ କୁଳସଚିବ, ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହା ମାଧ୍ୟମରେ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ପାଇଁ ସମସାମୟିକ, ଶିଳ୍ପ- ସମୃଦ୍ଧ ଦକ୍ଷତା ଉପଲବ୍ଧ କରାଇ ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ମିଶନକୁ ଆଗକୁ ବଢାଇ ସୁଗମ, ସୁଲଭ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଥିବା ସ୍ପଷ୍ଟ କରାଯାଇଛି ।

# ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୦୬/୭ (ନି.ପ୍ର): ବାସୁଦେବପୁର ବ୍ଲକର ଜଗନ୍ନାଥ ପ୍ରସାଦ ପଂଚାୟତର ମିଶ୍ରପୁର ଠାରେ ପବିତ୍ର ବାହୁଡ଼ା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ରାଜା ବେଶରେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ଭାଗିରଥୀ ବଳ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ । ମହାପ୍ରଭୁ ଜଗନ୍ନାଥ, ବଳ ଭଦ୍ର, ସୁଭଦ୍ରା ଙ୍କ ରଥକୁ ଭକ୍ତ ମାନେ ଟାଣିଥିଲେ ଓ ଶ୍ରୀଗୁଣ୍ଡିଚା ମନ୍ଦିର କୁ ନେଇଥିଲେ । ଏହି ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ବଳ,ସମାଜସେବୀ ତଥା ବ୍ୟବସାୟୀ ଶତ୍ରୁଘ୍ନ ବଳ, ଲୁଲୁ ବଳ, ହରେକୃଷ୍ଣ ଦତ୍ତ ଓ ରଥ କମିଟି ସଦସ୍ୟ ଯୋଗ ଦେଇଥିଲେ । ଏହା ବ୍ୟତୀତ ବିଭିନ୍ନ ଗ୍ରାମବାସୀ ଓ ଜନ ସାଧାରଣ ଯୋଗ ଦେଇଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ସେହିପରି ବରଣ୍ଡୁଆ , ବାସୁଦେବପୁର ପ୍ରସନ୍ନ ଦେବ ମନ୍ଦିର, ଏଡତାଳ, କମାର ଗାଁ,ଇରମ ରଥପଦା, ଗୁଡ଼ ବଳଦେବଜୀଉ ମନ୍ଦିର ରେ ପବିତ୍ର ବାହୁଡ଼ା ଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି । ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଜନ ସାଧାରଣ ଯୋଗ ଦେଇଥିଲେ ଓ ରଥ ଟାଣି ଥିଲେ । ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା ।



# ପୂନଃ ମୂଲ୍ୟାୟନ ପରେ ଡି.ଏ.ଭି ଏସ୍.ଡି.ପି.ଏସ୍ ଭଦ୍ରକର ଛାତ୍ରୀ ଜୟଶ୍ରୀ ପ୍ରଭା ଟପ୍ପର ତାଲିକାରେ ସ୍ଥାନିତ

ଭଦ୍ରକ, ୦୬/୭ (ନି.ପ୍ର): ସଦ୍ୟ ପ୍ରକାଶିତ ହୋଇଥିବା ସି.ବି.ଏସି ଦଶମ ଶ୍ରେଣୀ ର ପରୀକ୍ଷା ଫଳରେ ଡି.ଏ.ଭି ଏସ୍.ଡି.ପି.ଏସ୍, ଭଦ୍ରକର ଛାତ୍ରୀ ଜୟଶ୍ରୀ ପଭା ନିଜ ଫଳାଫଳରେ ଅସନ୍ତୋଷ ବ୍ୟକ୍ତ କରି ପୂନଃ ମୂଲ୍ୟାୟନ ନିମନ୍ତେ ଆବେଦନ କରିଥିଲେ । ଉକ୍ତ ଆବେଦନର ଫଳାଫଳ ଅଦ୍ୟ ତା. ୦୬.୦୭.୨୦୨୫ ରିଖ ପ୍ରକାଶିତ ହେଲା ପରେ ଜୟଶ୍ରୀ ପ୍ରଭା ୯୮.୨% ମାର୍କ ରଖି ଉକ୍ତ ସ୍କୁଲରେ ଟପ୍ପରେ ତାଲିକାରେ ସ୍ଥାନିତ ହୋଇଛନ୍ତି । ଉକ୍ତ ସଫଳତା ପାଇଁ ଜୟଶ୍ରୀ ତାଙ୍କର ପିତା ,ମାତା, ବଡ ଭଉଣୀ ଜଶ୍ମିନ୍, ସ୍କୁଲ ର ଅଧକ୍ଷ୍ୟ, ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଟିଉସନ୍ ଶିକ୍ଷକ ନନ୍ଦ ସାର ଏବଂ ସାମଲ ସାରଙ୍କୁ ଶ୍ରେୟ ଦେଇଛନ୍ତି ।

# ବେଧଡକ ଚାଲିଛି ବେଆଇନ ମାଟି ଓ ବାଲି କାରବାର: ପ୍ରଶାସନ ନୀରବ

ଲଙ୍ଗଳେଶ୍ୱର, ୦୬/୭ (ନି.ପ୍ର): ବାଲିଆପାଳ ବ୍ଲକରେ ଏବେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର । ପ୍ରଶାସନ ସବୁ ଜାଣି ମଧ ନୀରବ ରହୁଛି । ମାଟି ଓ ବାଲି ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ଓ ବାଲି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି । ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି ।ମାଟି ଓ ବାଲି ମାଫିଆମାନେ କୁଦମାନସିଂ, ପାଳ ଜାମକୁଣ୍ଡା , ବିଷ୍ଣୁପୁର, କେନାଲ ବନ୍ଧ, ସମୁଦ୍ର କୂଳ ବାଲି ଅଡିଆ, ସୁବର୍ଣ୍ଣ ରେଖା ନଦୀ ଚଡ ଆଦି ସ୍ଥାନରେ ମାଟି ଓ ବାଲି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ ମାଫିଆ ମାନେ କିଛି ଅସାମାଜିକ ଯୁବକଙ୍କୁ ହାତ ବାରିସୀ କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି । ଫଳରେ ସାଧାରଣ ଲୋକଙ୍କର ବିରୁଧାଭାସ ପ୍ରଶାସନ ପାଖରେ ପହଞ୍ଚିପାରୁ ନାହିଁ । ମାଟି ଓ ବାଲି ଉତ୍ତୋଳନ ସ୍ଥାନ ବାଲିଆପାଳ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧୁ ଚନ୍ଦ୍ରିକାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି ।ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋସ୍ନା ରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ସ୍ଥାନୀୟ ଆର ଆଇ ଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।

# ହରିଶୟନ ଏକାଦଶୀରେ ରଥଉପରେ ସୁନାବେଶରେ ଦର୍ଶନଦେଲେ ତିନିଠାକୁର

ନୀଳଗିରି, ୦୬/୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି, ଆଜି ହରିଶୟନ ବଡ ଏକାଦଶୀ । ଏହି ଅବସରରେ ରଥଉପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ତିନିଠାକୁର । ବାହୁଡାଯାତ୍ରା ପାଇଁ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ରଥାରୂଢ ହୋଇଥିଲେ । ରଥଦାଣ୍ଡରେ ରାତ୍ରିଯାପନ କରିବାପରେ ବଡ ଏକାଦଶୀ ପାଇଁ ପ୍ରତ୍ୟୁଷରୁ ତିନିଦିଅଁଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା । ସକାଳ ଠାରୁ ଅପରାହ୍ନ ୩ଟା ମଧରେ ଲକ୍ଷାଧିକ ଭକ୍ତ ଲମ୍ବାଧାଡିରେ ଯାଇ ଦିଅଁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରିବାସହିତ କୃପାଭିକ୍ଷା କରିଥିଲେ । ବାହୁଡ଼ାଯାତ୍ରାର ଦ୍ୱିତୀୟ ଦିବସରେ ପ୍ରବଳବର୍ଷା । ସ୍ୱଚ୍ଛେ ରଥଟଣା ହୋଇଛି । ପରମ୍ପରା ଅନୁଯାୟୀ ଅଧାରାସ୍ତାରେ ରଥ ଅଟକିଥିବା ବେଳେ ଆଜି ତୃତୀୟଦିବସରେ ରଥଟଣା ହୋଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବେ ଚତୁର୍ଦ୍ଧାମୂର୍ତ୍ତୀ । ପରେ ରଥଉପରେ ଅଧରପଣା ନୀତି ସହିତ ସମସ୍ତ ନିତିକାନ୍ତି ସମାପନ ପରେ ରତ୍ନ ସିଂହାସନକୁ ବାହୁଡିଯିବେ ମହାବାହୁ । ଏହି ଦ୍ୱିତୀୟ ଦିବସ ରଥଟଣା ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ବିଧାୟକ ସନ୍ତୋଷ ଖଟୁଆ, ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଏନଏସି ଅଧକ୍ଷ ମହେନ୍ଦ୍ର ବେହେରା,ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ବିଭିନ୍ନ ପ୍ରଶାସନିକ ବିଭାଗର ଅଧିକାରୀ ସାମିଲ ଥିଲେ । ରଥଉପରେ ସ୍ଥାନୀୟ ସୂଚନା ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗନିର୍ଣ୍ଣୟ କାର୍ଯ୍ୟଭାର ସମ୍ଭାଳିଥିବା ବେଳେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ମହାପ୍ରଭୁ ଜଗନ୍ନାଥଙ୍କ ଲୀଳା ସମ୍ବନ୍ଧୀୟ ଧାରାବିବରଣୀ ପ୍ରଦାନ କରିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ରଥସୁରକ୍ଷା ସହିତ ଶ୍ରଦ୍ଧାଳୁମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଥିବା ଦେଖାଯାଇଛି ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida